THE SYRO-MALANKARA CATHOLIC CHURCH

# The Syro Malankara Catholic Church
# ODIA PABITRA QURBANA
## ORDINARY EVENING, MORNING PRAYERS AND GANASUMO

The Syro Malankara Catholic Church

# ODIA PABITRA QURBANA

## ORDINARY EVENING, MORNING PRAYERS AND GANASUMO

2022

www.malankaralibrary.com

**Imprimatur**
His Excellency Most Rev. **Dr. Thomas Mar Anthonios**
**Bishop** of the Diocese of St. John Chrysostom, Gurgaon

**Translated by**
Rev. Fr. Saimon Eluvathingal
Rev. Fr. Jose Mundaplavila

**Guided by**
Very Rev. Fr. Jose Kuntharayil

**Published by**
Diocese of St. John Chrysostom, Gurgaon
Mar Ivanios Bhavan
J-Block 61-62 Paryavaran Complex
IGNOU Road, Neb Sarai, New Delhi – 68

**Layout & Printing**
Bosco Society for Printing & Graphic Training
Okhla Road, New Delhi - 110025
Mob.: 98101 57 244
E-Mail: boscopress@gmail.com

www.malankaralibrary.com

# PREFACE

All the Liturgical Services are oriented towards the celebration of the Holy Mysteries, which is the source and summit of Christian life. The Syro Malankara Catholic Church is a worshipping community. It is through worship that the transcendent God speaks to the people and at the same time, hears the people. Through the worship the faithful express their relation to the creator, God almighty and through it they manifest their attitude of submission, devotion, respect and veneration towards God. The Syro Malankara Catholic Church lives in vivid touch with the liturgical worship of the Holy Eucharist and the divine office.

The Syro Malankara Catholic Church, while it forms the universal Church of Jesus Christ, it has a distinctive rite or tradition, namely in Antiochean liturgy, in ecclesiastical discipline, and in spiritual tradition. Here we present an updated Odia translated text ***Pabitra Qurbana*** contains Evening Prayer, Morning Prayer, Holy Qurbana and Ganasumo. I hope it will enable native odisha children and adults for the active participation in Holy Qurbana.

The first edition of ***Pabitra Qurbana*** was translated by Late Rev. Fr. Saimon Eluvathingal who belongs to the Diocese of Berhampur. Rev. Fr. Devasia Kuthirakallil, Rev. Fr. Benny Thattanparambil and Rev. Fr. Mathew Kuttiyil guided the translation and printing of the text ***Pabitra Qurbana.***

www.malankaralibrary.com

I am grateful to His Excellency Most Rev. Dr. Thomas Mar Anthonios for his prayer, support and message. I am indebted to all the Priests and Sisters for their support, and I acknowledge with thanks Very Rev. Fr. Jose Kuntharayil, Rev. Fr. Prince Neriattil OIC, Rev. Fr. Joshy Raymond OIC, Rev. Fr. Henry Sam OIC, Rev. Fr. Alex Michael OIC, Bro. Dilvens Singh, Mrs. Urmila Jani and family, Mr. Haresh Kumar Pan, DM Congregation Sisters Odisha, Bethany Congregation Sisters Odisha, MCSJ Congregation Sisters Odisha and all those who have helped me for this especially St. Benedict Offset Printers and Staff. I dedicate this text to Malankara Missionaries of Odisha and Odisha Mission.

**Fr. Jose Mundaplavila**
**Diocese of Gurgaon**

www.malankaralibrary.com

**SYRO - MALANKARA CATHOLIC CHURCH**
**DIOCESE OF ST. JOHN CHRYSOSTOM, GURGAON**
Mar lvanios Bhawan, Bishop’s House,
J Block 61-62, Paryavaran Complex, IGNOU Road, NebSarai, New Delhi-110068, INDIA
+911129536525/gurgaondiocese@gmail.com

---

**15 July 2022**
**Feast of Commemoration**
**of the Servant of God**
**Mar Ivanios**

Liturgy or divine worship is the Christian way of communicating with God. The Church expresses her relation with God through the Liturgy. Language is the chief means to celebrate the Liturgy. It helps us to express our feelings, emotions and relation with God. The Liturgy, when celebrated in one’s own language, makes it spiritually meaningful and experiential.

I am very glad that the Odisha Mission Region of the Malankara Syrian Catholic Church took up the initiative to revise the translation of the text of the Holy Qurbono and Ordinary Prayers (Morning and Evening) in Odia. I congratulate all those who have taken the efforts to bring it out. I hope this text will help all the faithful of the Odisha Mission Region to participate more intensely and actively in the Malankara Syrian Liturgy.

This is a translation ad interim for use in Odisha Mission. It needs further betterment before it is submitted to the Synodal Commission for Liturgy for its scrutiny and correction before recommending it for official approval by Moran Mor Baselios Cardinal Cleemis Catholicos, the Head and Father of the Syro-Malankara Catholic Church. However, I, as the Bishop of the Eparchy of St. John Chrysostom, give permission for printing it for use ad experimentum in our Eparchy.

May God bless you all!

+ Mar Anthonios

THOMAS MAR ANTHONIOS OIC · BISHOP OF ST. JOHN CHRYSOSTOM, GURGAON - DELHI · GOD IS LOVE

✠ **Thomas Mar Anthonios OIC**
Bishop of the Eparchy of St. Joh Chrysostom,
Gurgaon-Delhi

www.malankaralibrary.com

www.malankaralibrary.com

# Daily Prayers

## ସନ୍ଧ୍ୟା

## ପ୍ରାରମ୍ଭ

ପିତା ଓ ପୁତ୍ର ଏବଂ ପବିତ୍ରାତ୍ମା ସତ୍ୟ ଏକ ଈଶ୍ୱରଙ୍କ ପବିତ୍ର ନାମରେ, ଆମୀନ୍ ।

ଆପଣା ମହିମାରେ ସ୍ୱର୍ଗ ଓ ମର୍ତ୍ତ୍ୟକୁ ପରିପୂର୍ଣ୍ଣ କରିଥିବା ବଳବନ୍ତ ପ୍ରଭୁ ଈଶ୍ୱର, ତୁମ୍ଭେ ପବିତ୍ର, ପବିତ୍ର, ପବିତ୍ର ଊର୍ଦ୍ଧ୍ୱରେ ହୋଶାନ୍ନା ।

ପ୍ରଭୁ ଈଶ୍ୱରଙ୍କ ନାମରେ ଯିଏ ଆସିଅଛନ୍ତି ଏବଂ ଆସିବେ ସେ ଧନ୍ୟ, ଊର୍ଦ୍ଧ୍ୱରେ ସ୍ତୁତି ।

## କୌମା

ହେ ଈଶ୍ୱର, ତୁମ୍ଭେ ହିଁ ପବିତ୍ର ।
ହେ ବଳବନ୍ତ ଈଶ୍ୱର, ତୁମ୍ଭେ ହିଁ ପବିତ୍ର ।
ହେ ମରଣବିହୀନ ଈଶ୍ୱର, ତୁମ୍ଭେ ହିଁ ପବିତ୍ର ।
ଆମ୍ଭମାନଙ୍କ ନିମନ୍ତେ କ୍ରୁଶୀତ ଈଶ୍ୱର,
ଆମ୍ଭମାନଙ୍କ ପ୍ରତି ଦୟା କର (ତିନି ଥର)

ହେ ଆମ୍ଭମାନଙ୍କର ପ୍ରଭୁ, ଆମ୍ଭମାନଙ୍କ ପ୍ରତି ଦୟା କର ।
ହେ ଆମ୍ଭମାନଙ୍କର ପ୍ରଭୁ, କୃପାପୂର୍ବକ ଆମ୍ଭମାନଙ୍କ ପ୍ରତି ଦୟା କର ।
ହେ ଆମ୍ଭମାନଙ୍କର ପ୍ରଭୁ, ଆମ୍ଭର ସେବା ଓ ପ୍ରାର୍ଥନା ଗ୍ରହଣ କରି,
ଆମ୍ଭମାନଙ୍କ ପ୍ରତି ଦୟା କର ।


www.malankaralibrary.com

ହେ ଈଶ୍ୱର, ତୁମ୍ଭଙ୍କୁ ସ୍ତୁତି,
ହେ ସୃଷ୍ଟିକର୍ତ୍ତା, ତୁମ୍ଭଙ୍କୁ ସ୍ତୁତି,
ପାପୀ ହୋଇଥିବା ଆମ୍ଭମାନଙ୍କ ପ୍ରତି ଦୟା ପ୍ରଦାନକାରୀ,
ହେ ମଶିହା ରାଜା, ତୁମ୍ଭଙ୍କୁ ସ୍ତୁତି । ବାରେକ୍‌ମୋର୍ ।

## ପ୍ରଭୁଙ୍କର ପ୍ରାର୍ଥନା

ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା, ତୁମ୍ଭର ନାମ ପୂଜିତ ହେଉ । ତୁମ୍ଭର ରାଜ୍ୟ ଆସୁ, ଯେପରି ସ୍ୱର୍ଗରେ ସେହିପରି ମର୍ତ୍ତ୍ୟରେ ତୁମ୍ଭର ଇଚ୍ଛା ପୂର୍ଣ୍ଣ ହେଉ ।

ଆଜି ଆମ୍ଭର ଆବଶ୍ୟକୀୟ ରୋଟି ଆମ୍ଭମାନଙ୍କୁ ପ୍ରଦାନ କର । ଯେପରି ଆମ୍ଭମାନଙ୍କର ଋଣୀମାନଙ୍କୁ ଆମ୍ଭେମାନେ କ୍ଷମା କରୁ, ତୁମ୍ଭେ ସେହିପରି ଆମ୍ଭମାନଙ୍କର ଋଣ ଓ ପାପ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, କିନ୍ତୁ ଦୁଷ୍ଟଙ୍କଠାରୁ ଆମ୍ଭମାନଙ୍କୁ ରକ୍ଷା କର । କାରଣ ଯୁଗେ ଯୁଗେ ରହିଅଛି, ତୁମ୍ଭର ରାଜ୍ୟ, ତୁମ୍ଭର ପରାକ୍ରମ ଓ ତୁମ୍ଭର ମହିମା । ଆମୀନ୍

## ଦୂତଙ୍କର ବନ୍ଦନା

ନମସ୍ତେ ମାରୀୟା, କୃପାପୂର୍ଣ୍ଣା, ଆମ୍ଭ ପ୍ରଭୁ ତୁମ୍ଭ ସଙ୍ଗରେ ଅଛନ୍ତି, ତୁମ୍ଭେ ନାରୀଗଣଙ୍କ ମଧ୍ୟରେ ଧନ୍ୟା ଏବଂ ଧନ୍ୟ ତୁମ୍ଭର ଉଦରଫଳ ଆମ ପ୍ରଭୁ ଯୀଶୁ ମସିହା ।

ପୁଣ୍ୟମୟୀ ମାରୀୟା, ଈଶ୍ୱରଙ୍କ ମାତା, ଆମ୍ଭେମାନେ ପାପୀ, ଆମ୍ଭମାନଙ୍କ ନିମନ୍ତେ ବର୍ତ୍ତମାନ୍, ସର୍ବଦା ଏବଂ ଆମ୍ଭମାନଙ୍କର ମରଣ ସମୟରେ ଈଶ୍ୱରଙ୍କଠାରେ ନିବେଦନ କର । ଆମୀନ୍ ।

www.malankaralibrary.com

## ମାର୍ ବାଲାୟୀଙ୍କର ଗୁହାରି

ହେ ଅନୁଗ୍ରହ ପୂର୍ଣ୍ଣ ଈଶ୍ୱର,

ଅନୁକୂଳର ଦିନରେ ତୁମ୍ଭର ସୃଷ୍ଟିକୁ ତୁମ୍ଭେ ନୂତନ କରି ଅନୁକୂଳ କର ।

ହେ ପ୍ରଭୁ, ତୁମ୍ଭଠାରେ ଭରସା ରଖି ମୃତ୍ୟୁବରଣ କରି ତୁମ୍ଭର ଆଗମନକୁ ଅପେକ୍ଷା କରିଥିବା ଆମ୍ଭମାନଙ୍କର ପରଲୋକଗତ ଭାଇ ଭଉଣୀମାନଙ୍କୁ ସାନ୍ତ୍ୱନା ଦେଇ ସାଧୁତାରେ ମଣ୍ଡିତ କର ଅବ୍ରାହାମ, ଇସାହକ ଏବଂ ଯାକୋବଙ୍କ କୋଳରେ ସେମାନଙ୍କୁ ବାସ କରାଅ ।

ଯେ ଆସିଛନ୍ତି ଏବଂ ଆସିବେ,

ମୃତଜନଙ୍କ ସାହାଯ୍ୟ କାରୀ ସେ ଧନ୍ୟ ଧନ୍ୟ ବୋଲି

ସକଳ ଶରୀର ଓ ଆତ୍ମା ଉତ୍ତରୋତ୍ତର ଘୋଷଣା କରନ୍ତୁ । ଆମୀନ୍ ।

## ପ୍ରାର୍ଥନା

ମୋରାନେଶୁ ମସିହା ! ତୁମ୍ଭ ଦୟାର ଦୁଆର ଆମ ପ୍ରତି ବନ୍ଦ କର ନାହିଁ । ହେ ପ୍ରଭୁ, ଆମ୍ଭେମାନେ ପାପୀ ବୋଲି ଆମ୍ଭେମାନେ ସ୍ୱୀକାର କରୁଅଛୁ, ଆମ୍ଭମାନଙ୍କ ପ୍ରତି ଦୟା କର ।

ହେ ପ୍ରଭୁ, ତୁମ୍ଭର ମୃତ୍ୟୁ ଦ୍ୱାରା ଆମ୍ଭମାନଙ୍କ ମୃତ୍ୟୁକୁ ଲୋପ କରିବା ପାଇଁ ତୁମ୍ଭର ପ୍ରେମ ତୁମ୍ଭ ବସତି ସ୍ଥାନରୁ ଆମ୍ଭମାନଙ୍କ ନିକଟକୁ ତୁମ୍ଭକୁ ଓହ୍ଲେଇ ଆଣିଅଛି । ଆମ୍ଭମାନଙ୍କ ପ୍ରତି ଦୟା କର । ଆମୀନ୍ ।


www.malankaralibrary.com

## ସୁଭାରା
## ପ୍ରାରନ୍ଥ ଓ କୌମା
## ଗୁହାରି

ହେ ଦୟାମୟ ଈଶ୍ୱର, ତୁମ୍ଭ ଦ୍ୱାରରେ ଆମ୍ଭମାନଙ୍କ ଗୁହାରିର ସ୍ୱର ଆଘାତ କରୁଅଛି । ଯେଉଁମାନେ ତୁମ୍ଭର ଉପାସନା କରନ୍ତି ସେମାନଙ୍କର ପ୍ରାର୍ଥନା ତୁମ୍ଭେ ଉପେକ୍ଷା କର ନାହିଁ ।

ହେ ଈଶ୍ୱର, ଆମ୍ଭେମାନେ ଦୁର୍ବଳ ହୋଇ ପଡ଼ିଅଛୁ । ଆମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ ଆମ୍ଭେମାନେ ତୁମ୍ଭ ନିକଟରେ ଡାକ ପକାଉଅଛୁ ।

ହେ ସକଳ ଉତ୍ତମତାର ଆଧାର ଈଶ୍ୱର, ଆମ୍ଭମାନଙ୍କ ଗୁହାରିର ସ୍ୱର ଶୁଣି ଦୟାପୂର୍ବକ ଆମ୍ଭମାନଙ୍କର ଯାଚନା ସବୁ ଆମ୍ଭମାନଙ୍କୁ ପ୍ରଦାନ କର । ଆମୀନ୍

## ମାର୍ ଆପ୍ରେମଙ୍କର ବୋଉସୋ

1. ପ୍ରଭୁ ହେ, କୃପା ତୁମେ କରି ଦିଅ
ଗ୍ରହଣ କରି ଏହି ଜଗତପରେ
ପ୍ରେରଣ କର ପାପ କ୍ଷମା ତୁମ-
ଧାମରୁ ଅନୁଗ୍ରହ ଦୟା ସତତ

2. ନିଦ୍ରାରୁ ଉଠି ସଜାଗେ ମୁଁ
ତବ ମୁଖେ ଠିଆ ହେବାକୁ ଦିଅ
ପୁନଶ୍ଚ ଶୋଇ ତହିଁ ପାପ
ପଙ୍କରେ ନ ପଡ଼ିବାକୁ ଦିଅ ।

3. ସଜାଗେ କରିବୁ ନାହିଁ ପାପ
ରକ୍ଷା କର କୃପାମୟ ନାଥ

www.malankaralibrary.com

ନିଦ କାଳେ ଯଦି ପାପ କରେ
ତବ କୃପା ମୋଚନ ଦାନ କର

4. ବିନୟଭରା ତବ କ୍ରୁଶ ସ୍ତୁତି
ଦାସକୁ ଦେଉଥିବ ସୁଖ ନିଦ୍ରା
ମାୟା ରୂପ ଦରଶନରେ
ହଜି ଯିବାକୁ ଛାଡ଼ ନାହିଁ

5. ସ୍ୱଛନ୍ଦ ମୋ ଶୋଇବା ବେଳେ
ଦୁଶ୍ଚିନ୍ତା ଓ ଦୁଷ୍ଟଗଣ
କର୍ତ୍ତୃତ୍ୱ ନାହିଁ କରିବାକୁ
ଏହି ରାତି ତବ ରକ୍ଷା ଦିଅ

6. ମୋର ରକ୍ଷା କରିବା ପାଇଁ
ଦିଅ ଜ୍ଞାନର ଦୂତକୁ ତୁମ୍ଭେ
ଦିବ୍ୟ ଶରୀର ସେବନରେ
ଦୁର୍ମୋହେ ପଡ଼ିବାକୁ ଦିଅ ନାହିଁ ।

7. ଭରସା ସହ ମୁଁ ଶୋଇବା ବେଳେ
ତବ ରକତ ହେବ ମୋ ରକ୍ଷା
ତବ ସାଦୃଶ୍ୟର ସୃଷ୍ଟିକୁ
ଦାନ କର ହେ ମୁକ୍ତି ତୁମେ ।

8. ତବ ହାତ କରମର ମୋ ଦେହେ
ତବ ଦକ୍ଷିଣ ହାତ ରହୁ ସଦା
ଢାଲ ସହ ସଂରକ୍ଷା କର
କରୁଣାବାଡ଼ି ଘେରି ମୋତେ ।

www.malankaralibrary.com

9. ଶୋଇବା ସମୟର ସଂରକ୍ଷା
ସଦୟ କର ତବ ଶକତିରେ
କରି ଦିଅ ଉତ୍ତମ ଧୂପପରି
ମୋ ନିଦ୍ରା ତବ ଦିବ୍ୟ ମୁଁହେଁ

10. ତବ ମାତାଙ୍କର ମଧ୍ୟସ୍ତେ
ଦୂର ହେଉ ସବୁ ଦୁଷ୍ଟାମା୍
ମାରିବାକୁ ଆସିବା ପିଶାଚକୁ
ଦିବ୍ୟବଳି ହେତୁ କରିବ ମନା

11. ତବ ବାଣୀ ଜୀବନେ କାର୍ଯ୍ୟ କରୁ
ତବ କ୍ରୁଶ ମୋର ରକ୍ଷା କରୁ
ସମ୍ଭାଳୁଥିବା ତବ ସ୍ନେହେ
ଜାଗି କରିବି ସ୍ତୁତିଗାନ ।

12. ତୁମ ବାଣୀ ଅନୁଦିନ ଶ୍ରବଣ କରି
ପାଳନ କରିବା ପାଇଁ ପ୍ରଭୁ
ନ୍ୟାୟପରାୟଣ ରାତି ଦେଇ
ଦାନ କର ଉତ୍ତମ ନିଦ୍ରା ।

13. ବାକ୍ୟ ହୋଇଥିବା ମସିହା ତୁ
ବାକ୍ୟରେ ରହିଛି ତବ ବାସ
ବାକ୍ୟ ଦାୟାଦ ନିତ୍ୟ କରେ
ତବ ବନ୍ଦନା ହରଷ ଚିତ୍ତେ ।

www.malankaralibrary.com

14. ବାକ୍ୟ ହୋଇ ଭୁବନେ ବାସ କରୁ
ମୁକ୍ତିଦାତା ଯୀଶୁ ସ୍ତୋତ୍ରମ୍
ଇହପରଲୋକେ ହେଉ ତବ
କୃପା ଆମ ଜୀବନକାଳ ସଦା ।

15. ସ୍ତୋତ୍ରମ୍ ସ୍ତୋତ୍ରମ୍ ପ୍ରଭୁ ମୋର
ହଜାର ହଜାର ସ୍ତୋତ୍ର ଗୀତ
ଅସୀମ ସ୍ତୋତ୍ର ଧାରା ପ୍ରଭୁ
କୃପା କର ଆମ ଉପରେ ସଦା ।

16. ସ୍ତୋତ୍ରମ୍ ଦୂତଗଣ ଓ ସେବା-
ଶ୍ରେଷ୍ଠଗଣ ଦ୍ୱାରା ବନ୍ଦିତ
ଶ୍ରେଷ୍ଠଗଣ ଏବଂ ଦୂତଗଣ କରୁ
ପ୍ରାର୍ଥନା ଗ୍ରହଣ କର ନାଥ ।

17. ତ୍ରିତ୍ୱେକତ୍ୱ ଓ ଏକତ୍ୱ
ତ୍ରିଏକ ଈଶ୍ୱର ଅସ୍ତିତ୍ୱ
ପିତା ପୁତ୍ର ଓ ପବିତ୍ରାତ୍ମା
ସତ୍ୟ ଏକ ଈଶ୍ୱର ସ୍ତୋତ୍ରେମ୍ ।

18. ଦୁର୍ବଳ ଜନ କରୁ ପ୍ରାର୍ଥନା
ଶୁଣିଅଛ ତୁମେ ଭେଟି ସମ
ଅନୁତପ୍ତ ଭରା ଲୁହ ଧାରା
ଗ୍ରହଣକାରୀ ତବ ସ୍ତୋତ୍ରମ୍ ।


www.malankaralibrary.com

19. ଶ୍ରେଷ୍ଠଦଳ କରୁ ତବ ସେବା
ଦୂତଗଣ କରୁ ତବ ଜୟଗାନ
ବୃକ୍ଷଦଳର ସଂଖ୍ୟା ସମ
ମୃତଜନ କରୁ ତବ ସ୍ତୁତିଗାନ ।

20. ପିତା ପୁତ୍ର ଓ ପବିତ୍ରାତ୍ମା
ସତ୍ୟ ଏକ  ଈଶ୍ୱର ସ୍ତୋତ୍ରମ୍
କରିବା ହେବା ଆମେ ସତ୍ୟ
ଜ୍ଞାନ ବିବେକ ସହ ସତତ ।

21. ମୃତ୍ୟୁକାର ବିଷମୟ ରୂପା ସୁନା
ଧନ ଲାଳସା କରନା ତୁମେ
ଖୋଜିବ ସୁଖକର ଉପଦେଶ
ଯେପରି ପ୍ରଭୁ ତୁମେ ସ୍ନେହ କରେ ।

22. ଚାଳିଶୀ ଦିନ ତପ ପାଳନରେ
ଖୁଆଇବ ଖାଦ୍ୟବୀହିନଙ୍କୁ
ଦାବୀଦ ସୁତ ସହ ତୁମେ ସଦା
ପ୍ରାର୍ଥନା କର ଦିନ ସାତ ଥର ।

23. ଚାଳିଶୀ ଦିନର ଉପବାସ
ମୋଶା ଓ ଏଲୀୟ ପାଳିଲେ
ପ୍ରଭୁ ଶତ୍ରୁଙ୍କୁ ପରାସ୍ତ କଲେ
ଚାଳିଶୀ ଦିନ ତପ ଶେଷ କ୍ଷଣେ ।


www.malankaralibrary.com

24. ସାଗର ଗର୍ଭ ଓ ଚୁଲ୍ଲାରୁ
ଉଠିଲା ପ୍ରାର୍ଥନା ସମ ତୁମେ
ଦାସଗଣ କରୁ ପ୍ରାର୍ଥନା ପାଇଁ
କୃପାରେ ଦୁଆର ଖୋଲି ଦିଅ ।

25. ପ୍ରାର୍ଥନା ଗ୍ରହଣକାରୀ ପ୍ରଭୁ
ଯାଚନା ପ୍ରଦାନକାରୀ ପ୍ରଭୁ
ପ୍ରାର୍ଥନା ଶ୍ରବଣ କରି ତୁମେ
କୃପାରେ ଯାଚନା କର ଦାନ ।
କୁରିୟେଲାୟୀସୋନ୍ ... କୁରି.. କୁରି..

ହେ ପିତା ଈଶ୍ୱର, ତୁମ୍ଭ ପବିତ୍ର ନାମରେ ଆମ୍ଭମାନଙ୍କୁ ସଂରକ୍ଷଣ କର। ପରିତ୍ରାଣ ଦାତା ପୁତ୍ରେଶ୍ୱର, ତୁମ୍ଭର ବିଜୟାନ୍ୱିତ କ୍ରୁଶରେ ଆମ୍ଭମାନଙ୍କୁ ଆଚ୍ଛାଦନ କର । ପବିତ୍ରାତ୍ମା ଈଶ୍ୱର, ଆମ୍ଭମାନଙ୍କୁ ତୁମ୍ଭର ବାସ ଯୋଗ୍ୟ ଆଳୟରେ ପରିଣତ କର । ହେ ଆମ୍ଭମାନଙ୍କର ପ୍ରଭୁ ଈଶ୍ୱର, ସଦାସର୍ବଦା ତୁମ୍ଭର ଈଶ୍ୱରତ୍ୱର ଡେଣା ତଳେ ଆମ୍ଭମାନଙ୍କୁ ସଂରକ୍ଷଣ ପ୍ରଦାନ କର । ଆମୀନ୍

## ମସ୍ ମୂରାଗୁଡ଼ିକ 91, 121

ପରମୋନ୍ନତଙ୍କର ସଂରକ୍ଷଣ ମଧ୍ୟରେ ଯିଏ ବାସ କରେ
ସେ ଈଶ୍ୱରଙ୍କ ଛାୟାରେ ମହିମାନ୍ୱିତ ହୁଏ ।

ହେ ମୋର ପ୍ରଭୁଙ୍କ ବିଷୟରେ ଏହିପରି କହିବ, ସେ ଅଟନ୍ତି

www.malankaralibrary.com

ମୋର ଭରସା ଓ ଆଶ୍ରୟ ସ୍ଥଳି ।

ଯେହେତୁ ବିରୁଦ୍ଧ ମତାମତ ଫାନ୍ଦରୁ, ଅସାର କଥାବାର୍ତ୍ତାରୁ ସେ ତୁମ୍ଭଙ୍କୁ ସଂରକ୍ଷଣ କରିବେ ।

ସେ ତାହାଙ୍କର ପକ୍ଷରେ ତୁମ୍ଭଙ୍କୁ ଆବୋରିବେ, ତାହାଙ୍କ ଡେଣା ତଳେ ତୁମ୍ଭଙ୍କୁ ଆଶ୍ରୟ ଦେବେ । ତାହାଙ୍କ ସତ୍ୟତା ତୁମ୍ଭ ଚତୁଃପାର୍ଶ୍ୱରେ ଅସ୍ତ୍ର ଶସ୍ତ୍ର ସ୍ୱରୂପ ହେବ ।

ରାତ୍ରିର ଡ଼ର, ଦିବସର ଉଡ଼ନ୍ତା ତୀର, ଅନ୍ଧକାରରେ ବିଚରଣକାରୀ ବାକ୍ୟ ଏବଂ ମଧ୍ୟାହ୍ନରେ ବହୁଥିବା ପବନକୁ ତୁମ୍ଭେ ଭୟ କରିବ ନାହିଁ ।

ତୁମ୍ଭର ଗୋଟିଏ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାର୍ଶ୍ୱରେ ଅୟୁତ ଲୋକ ପଡ଼ିବେ ।

ତଥାପି, ସେମାନେ ତୁମ ନିକଟକୁ ଆସିବେ ନାହିଁ, କିନ୍ତୁ ତୁମ୍ଭ ଚକ୍ଷୁଦ୍ୱୟ ସେମାନଙ୍କୁ ନିରୀକ୍ଷଣ କରିବ, ଦୁଷ୍ଟଜନ ପ୍ରତି ଈଶ୍ୱରଙ୍କ ପ୍ରତିଶୋଧ ଦେଖିବାକୁ ପାଇବ ।

ଯେହେତୁ, ଊର୍ଦ୍ଧ୍ୱରେ ଅବାସ କରିଥିବା ତୁମ୍ଭେ ଅଟ ମୋର ଶରଣ ଦାତା ଈଶ୍ୱର ।

ଈର୍ଷାନ୍ୱିତ କ୍ରୋଧ ତୁମ୍ଭ ନିକଟକୁ ଆସିବ ନାହିଁ, କିଅବା କୌଣସି ଦଣ୍ଡଦାନ ତୁମ୍ଭ ବାସସ୍ଥାନକୁ ପହଞ୍ଚିବ ନାହିଁ ।

ଯେହେତୁ, ତୁମ୍ଭ ପଥରେ ତୁମ୍ଭଙ୍କୁ ରକ୍ଷା କରିବା ପାଇଁ ସେ ଆପଣା ଦୂତଗଣଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ ।

ତୁମ୍ଭ ଚରଣ  ଯେପରି ପଥରରେ ନ ବାଜିବ, ଏଥିପାଇଁ ସେମାନେ ସ୍ୱହସ୍ତରେ ତୁମ୍ଭଙ୍କୁ ବହିବେ ।


www.malankaralibrary.com

ତୁମ୍ଭେ ସର୍ପ ଓ କାଳସର୍ପ ଉପରେ ଚାଲିବ, ସିଂହ ଓ ବୁଢ଼ାସାପକୁ ତୁମ୍ଭେ ପାଦ ତଳେ ଦଳିବ ।

ପ୍ରଭୁ, କହନ୍ତି, ସେ ମୋତେ ଅନ୍ବେଷଣ କରିଥିବା ହେତୁ ମୁଁ ତାଙ୍କୁ ଉଦ୍ଧାର କରିବି, ସେ ମୋର ନାମ ଚିହ୍ନିବା ହେତୁ ମୁଁ ତାହାଙ୍କୁ ବଳିୟାନ କରିବି

ସେ ମୋ ନିକଟରେ ଡାକ ପକାଇବ, ମୁଁ ତାହାଙ୍କୁ ଉତ୍ତର ଦେବି । ତାହାଙ୍କ ଅଭାବକାଳରେ ତାହାଙ୍କର ସମୀପସ୍ତ ହେବି ଏବଂ ତାହାଙ୍କୁ ବଳିୟାନ୍ କରି ସମ୍ମାନିତ କରିବି ।

ଦୀର୍ଘ ଜୀବନ ଦେଇ ମୁଁ ତାହାଙ୍କୁ ପରିତୃପ୍ତ କରିବି ମୋର ପରିତ୍ରାଣ ମୁଁ ତାହାଙ୍କୁ ପ୍ରକାଶ କରିବି ।

121 [1] ପାହାଡ ଉପରକୁ ମୁଁ ଚକ୍ଷୁ ଉତ୍ତୋଳନ କରିବି । ମୋର ସାହାଯ୍ୟକାରୀ କେଉଁଠାରୁ ଆସିବ ।

ମୋର ସାହାଯ୍ୟ ଆକାଶ ଓ ପୃଥିବୀର ସୃଷ୍ଟିକାରୀ ପ୍ରଭୁଙ୍କଠାରୁ ଆସିବ ।

ସେ ତୁମ୍ଭ ଚରଣକୁ ବିଚଳିତ ହେବାକୁ ଦେବେ ନାହିଁ କିଅବା ତୁମ୍ଭର ପ୍ରହରୀ ଘୁମାଇବେ ନାହିଁ

ଯେହେତୁ, ଇସ୍ରାଏଲଙ୍କ ପ୍ରହରୀଗଣ ଘୁମାଇବେ ନାହିଁ କି ନିଦ୍ରା ଯିବେ ନାହିଁ ।

ପ୍ରଭୁ ଅଟନ୍ତି ତୁମ୍ଭର ପ୍ରହରୀ, ପ୍ରଭୁ ତାହାଙ୍କର ଦକ୍ଷିଣ ହସ୍ତର ଛାୟାରେ ତୁମ୍ଭଙ୍କୁ ରକ୍ଷା କରିବେ ।

ଦିବସର ସୂର୍ଯ୍ୟ, ବା ରାତିର ଚନ୍ଦ୍ର ତୁମ୍ଭକୁ ଆଘାତ କରିବ ନାହିଁ ।

ପ୍ରଭୁ ସମସ୍ତ ଅମଙ୍ଗଳରୁ ତୁମ୍ଭଙ୍କୁ ରକ୍ଷା କରିବେ, ସେ ତୁମର ପ୍ରାଣକୁ ସଂରକ୍ଷଣ କରିବେ ।


www.malankaralibrary.com

ପ୍ରଭୁ, ତୁମ୍ଭର ଗମନ ଓ ଆଗମନକୁ ଆଜିଠାରୁ ସଦାକାଳ ସଂରକ୍ଷଣ ପ୍ରଦାନ କରିବେ ।

ହେ ଈଶ୍ୱର, ସଦାସର୍ବଦା ତୁମ୍ଭେ ସ୍ତୁତିର ଯୋଗ୍ୟତମ ଈଶ୍ୱର ଅଟନ୍ତି । ବାରେକ୍‌ମୋର୍ ।

## ଗୁହାରି

ହେ ପ୍ରଭୁ ତୁମ୍ଭ ଦୟା ସ୍ୱରୂପ ଡେଣାର ଛାଇରେ ଆମ୍ଭମାନଙ୍କୁ ଆଚ୍ଛାଦନ କରି ଆମ୍ଭମାନଙ୍କ ପ୍ରତି ଦୟା କର ।

ପ୍ରାର୍ଥନା ଶ୍ରବଣକାରୀ ଈଶ୍ୱର, ତୁମ୍ଭ ଦୟାରେ ତୁମ୍ଭ ଦାସଦାସୀମାନଙ୍କ ଗୁହାରି ପ୍ରତି କର୍ଣ୍ଣପାତ କର ।

ମହିମାନ୍ୱିତ ରାଜା ରୂପେ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ମସିହା ଶାନ୍ତିପୂର୍ଣ୍ଣ ସନ୍ଧ୍ୟା ଓ ପୁଣ୍ୟମୟ ରାତି ଆମ୍ଭମାନଙ୍କୁ ପ୍ରଦାନ କର ।

ଆମ୍ଭମାନଙ୍କ ଆଖି ତୁମ୍ଭକୁ ଚାହିଁ ରହିଅଛି । ଆମ୍ଭମାନଙ୍କର ସମସ୍ତ ଋଣ ଓ ସକଳ ପାପ ଛାଡି ଦେଇ ଇହଲୋକରେ ଓ ପରଲୋକରେ ଆମ୍ଭମାନଙ୍କ ପ୍ରତି ଦୟା କର ।

ହେ ପ୍ରଭୁ, ତୁମ୍ଭର ଦୟାରେ ଆମ୍ଭମାନଙ୍କୁ ଆଚ୍ଛାଦନ କରି ତୁମ୍ଭର କୃପା ଆମ୍ଭମାନଙ୍କ ସମ୍ମୁଖରେ ବିରାଜମାନ ହେଉ । ତୁମ୍ଭ ଶ୍ଳୀବା ପିଶାଚଙ୍କଠାରୁ ଓ ତାହାଙ୍କର ସୈନ୍ୟରୁ ଆମ୍ଭମାନଙ୍କୁ ସଂରକ୍ଷଣ କରୁ ।

ଆମ୍ଭମାନଙ୍କ ଜୀବନରେ ପ୍ରତ୍ୟେକ ଦିନରେ ତୁମ୍ଭର ଦକ୍ଷିଣ ହସ୍ତ ଆମ୍ଭମାନଙ୍କ ଉପରେ ଅଧିଷ୍ଠାନ କରୁ ।

ତୁମ୍ଭର ଶାନ୍ତି ଆମ୍ଭମାନଙ୍କ ମଧ୍ୟରେ ବିରାଜମାନ ହେଉ । ତୁମ ନିକଟରେ ଗୁହାରି କରୁଥିବା ସକଳ ଆତ୍ମାଙ୍କୁ ଆଶ୍ରୟ ଓ ପରିତ୍ରାଣ

www.malankaralibrary.com

ତୁମ୍ଭେ ପ୍ରଦାନ କର ।

ତୁମ୍ଭଙ୍କୁ ପ୍ରସବ କରିଥିବା ମରିୟା ଓ ତୁମ୍ଭର ସକଳ ସାଧୁସାଧ୍ୱୀମାନଙ୍କ ପ୍ରାର୍ଥନା ଦ୍ୱାରା ହେ ଈଶ୍ୱର, ଆମ୍ଭର ସମସ୍ତ ଋଣଭାର ଛାଡି ଦେଇ ଆମ୍ଭମାନଙ୍କ ପ୍ରତି ଦୟା କର ।

## କେରୁବୀ ଦୂତମାନଙ୍କର ସ୍ତୁତି (ହେସେକିଏଲ୍ 3:12)

ପ୍ରଭୁଙ୍କ ମହିମା ତାହାଙ୍କ ସ୍ଥାନରେ ସର୍ବଦା ପ୍ରଶଂସିତ ଅଟନ୍ତି ।
ପ୍ରଭୁଙ୍କ ମହିମା ତାହାଙ୍କ ସ୍ଥାନରେ ସର୍ବଦା ପ୍ରଶଂସିତ ଅଟନ୍ତି ।
ପ୍ରଭୁଙ୍କ ମହିମା ତାହାଙ୍କ ସ୍ଥାନରେ ସର୍ବଦା ପ୍ରଶଂସିତ ଅଟନ୍ତି ।
ପବିତ୍ର ଓ ମହିମାମୟ ତ୍ରୈକେଶ୍ୱର, ଆମ୍ଭମାନଙ୍କ ପ୍ରତି ଦୟା କର ।
ପବିତ୍ର ଓ ମହିମାମୟ ତ୍ରୈକେଶ୍ୱର, ଆମ୍ଭମାନଙ୍କ ପ୍ରତି ଦୟା କର ।
ପବିତ୍ର ଓ ମହିମାମୟ ତ୍ରୈକେଶ୍ୱର, କୃପାପୂର୍ବକ ଆମ୍ଭମାନଙ୍କ ପ୍ରତି ଦୟା କର ।

ତୁମ୍ଭେ ସର୍ବଦା ପବିତ୍ର ଓ ମହିମାମୟ ।
ତୁମ୍ଭେ ସର୍ବଦା ପବିତ୍ର ଓ ମହିମାମୟ ।
ତୁମ୍ଭେ ପବିତ୍ର ଏବଂ ତୁମ୍ଭର ପବିତ୍ର ନାମ ସର୍ବଦା ପ୍ରଶଂସିତ ।
ହେ ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭଙ୍କୁ ସ୍ତୁତି ।
ହେ ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭଙ୍କୁ ସ୍ତୁତି ।
ହେ ଆମ୍ଭମାନଙ୍କର ଆଶ୍ରୟ ଦାତା, ସର୍ବଦା ତୁମ୍ଭଙ୍କୁ ସ୍ତୁତି ।
ବାରେକ୍‌ମୋର୍...

ପ୍ରଭୁଙ୍କର ପ୍ରାର୍ଥନା, ଦୂତଙ୍କର ବନ୍ଦନା...


www.malankaralibrary.com

# ବିଶ୍ୱାସ ପ୍ରମାଣ

ସର୍ବଶକ୍ତିମାନ ପିତା, ସ୍ୱର୍ଗ ଓ ମର୍ତ୍ତ୍ୟ, ଦୃଶ୍ୟ-ଅଦୃଶ୍ୟ ସକଳ ବସ୍ତୁର ସୃଷ୍ଟିକର୍ତ୍ତା, ସତ୍ୟ ଏକ ଈଶ୍ୱରଙ୍କଠାରେ ଆମ୍ଭେମାନେ ବିଶ୍ୱାସ କରୁଅଛୁ ।

ଈଶ୍ୱରଙ୍କ ଏକମାତ୍ର ପୁତ୍ର, ଅନାଦି କାଳରୁ ପିତାଙ୍କଠାରୁ ଜାତ, ଜ୍ୟୋତି, ପ୍ରସୂତ ଜ୍ୟୋତି, ସତ୍ୟ ଈଶ୍ୱରଙ୍କଠାରୁ ପ୍ରସୂତ ସତ୍ୟ ଈଶ୍ୱର, ଜାତ କିନ୍ତୁ ଅସୃଷ୍ଟ, ପିତାଙ୍କ ସହ ସମସତ୍ତ୍ୱ ଯାହାଙ୍କ ଦ୍ୱାରା ସକଳ ବସ୍ତୁ ସୃଷ୍ଟ ।

ମନୁଷ୍ୟ ହୋଇଥିବା ଆମ୍ଭମାନଙ୍କୁ ଏବଂ ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ସ୍ୱର୍ଗରୁ ଅବତରଣ କରି, ପବିତ୍ରାତ୍ମାଙ୍କଠାରୁ ଈଶ୍ୱର ଜନନୀ ଧନ୍ୟା କୁମାରୀ ମରିୟମଙ୍କଠାରେ ଦେହ ପରିଗ୍ରହ କରି ମନୁଷ୍ୟ ହେଲେ, ପୋନ୍ତିୟୋସ୍ ପିଲାତଙ୍କ କାଳରେ ଆମ୍ଭମାନଙ୍କ ନିମନ୍ତେ କ୍ରୁଶ ବିଦ୍ଧ ହୋଇ ଯନ୍ତ୍ରଣା ଭୋଗ କରି ମୃତ୍ୟୁବରଣ କଲେ ଏବଂ ସମାଧିସ୍ଥ ହେଲେ ।

ଦିବ୍ୟଇଚ୍ଛା ଅନୁସାରେ ତୃତୀୟ ଦିବସରେ ପୁନରୁତ୍ଥିତ ହୋଇ, ସ୍ୱର୍ଗାରୋହଣ କରି ଆପଣା ପିତାଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଥିବା ଏବଂ ସେଠାରୁ ଜୀବନ୍ତ ଓ ମୃତଙ୍କର ବିଚାର କରିବାକୁ ମହା ମହିମା ସହ ପୁନରାଗମନ କରିବାକୁ ଥିବା ଯାହାଙ୍କ ରାଜ୍ୟରେ ଶେଷ ନଥିବା ସେହି ଏକମାତ୍ର ପ୍ରଭୁ ଯୀଶୁ ମସିହାଙ୍କୁ ଆମ୍ଭେମାନେ ବିଶ୍ୱାସ କରୁଅଛୁ ।

ସକଳଙ୍କୁ ଜୀବନ ପ୍ରଦାନକାରୀ ପ୍ରଭୁ ଏବଂ ପିତାଙ୍କଠାରୁ ନିର୍ଗତ ହୋଇ ପିତାଙ୍କ ଏବଂ ପୁତ୍ରଙ୍କ ସହିତ ବନ୍ଦିତ ଏବଂ ଆରାଧିତ, ପ୍ରବକ୍ତାମାନଙ୍କର ଏବଂ ପ୍ରେରିତମାନଙ୍କ ମାଧ୍ୟମରେ କଥା କହିଥିବା, ଜୀବନ୍ତ, ପବିତ୍ର, ଏକମାତ୍ର ରୂହାଙ୍କଠାରେ ଏବଂ କାଥୋଲିକ୍, ପ୍ରୈରିତିକ, ଏକମାତ୍ର, ପବିତ୍ର ଧର୍ମମଣ୍ଡଳୀରେ ଆମ୍ଭେମାନେ ବିଶ୍ୱାସ କରୁଅଛୁ ।


www.malankaralibrary.com

ପାପମୋଚନ ନିମନ୍ତେ ଦୀକ୍ଷାସ୍ନାନ ଏକମାତ୍ର ବୋଲି ଆମ୍ଭେମାନେ ଘୋଷଣା କରି, ମୃତଜନଙ୍କର ପୁନରୁତ୍ଥାନକୁ, ଆଗାମୀ ଜଗତର ନୂତନ ଜୀବନକୁ ଆମ୍ଭେମାନେ ଚାହିଁ ରହିଅଛୁ ।

ବାରେକ୍‌ମୋର୍, ସ୍ତୌମେନ୍‌କାଲୋସ୍... କୁରିୟେଲାୟୀସୋନ୍ ।

## ଗୁହାରୀ

ହେ ସତ୍ୟସ୍ୱରୂପ ଈଶ୍ୱର, ଆମ୍ଭମାନଙ୍କୁ ରକ୍ଷା କର । ସକଳ ମନ୍ଦରୁ, ସକଳ ଦୋଷରୁ, ସକଳ ମନ୍ଦଭରା ମନରୁ, କାମଭିଳାଷାରୁ, ସବୁପ୍ରକାର ଶତ୍ରୁମାନଙ୍କଠାରୁ, ପ୍ରବଞ୍ଚକ ବନ୍ଧୁବଳୟରୁ, ପିଶାଚର ପ୍ରଲୋଭନରୁ, ଦୁଷ୍ଟ ମନୁଷ୍ୟର ମନ୍ଦ କାର୍ଯ୍ୟକଳାପରୁ, ଅପବିତ୍ର ବିକାର ବିଚାରରୁ,ମ୍ଳେଚ୍ଛପୂର୍ଣ୍ଣ ମୋହରୁ, ପୈଶାଚିକ ଚିନ୍ତାରୁ, ମନ୍ଦମୟ ସ୍ୱପ୍ନରୁ, ଗୁପ୍ତ ଫାନ୍ଦରୁ, ବ୍ୟର୍ଥ ବଚନରୁ, ମହା ପ୍ରବଞ୍ଚନରୁ, ଉତ୍ତରଦାୟୀ ଋଣଭାରରୁ, ଇହଲୋକ ଜଡ଼ିତ ସକଳ ପରୀକ୍ଷାରୁ, ହେ ପ୍ରଭୁ ଆମ୍ଭମାନଙ୍କୁ ତୁମ୍ଭେ ରକ୍ଷା କର ।

କ୍ରୋଧଜନିତ ଦଣ୍ଡଦାନରୁ, ଅକସ୍ମାତ୍ ମରଣରୁ, ରାଗରୁ, ବିଦ୍ୱେଷରୁ, ବିଜୁଳୀ ମାଡ଼ରୁ, ଘଡଘଡିରୁ, ବସନ୍ତ ରୋଗରୁ, କଠୋର ପୀଡ଼ାରୁ, ନରକାଗ୍ନୀରୁ, ନିତ୍ୟାସ୍ଥାୟୀ ପୋକରୁ, ଅଲିଭା ଅଗ୍ନିରୁ,ଦନ୍ତ ଘର୍ଷଣରୁ, କ୍ରନ୍ଦନରୁ, ଯନ୍ତ୍ରଣା ପୂର୍ଣ୍ଣ ଭବିଷ୍ୟତ୍ୱରୁ, ଅଭିଶପ୍ତ ସମୟରୁ, ଉପଦ୍ରବକାରୀ ସକଳ ଶକ୍ତି ବିଶେଷରୁ, ହେ ପ୍ରଭୁ, ଆମ୍ଭମାନଙ୍କୁ ତୁମ୍ଭେ ରକ୍ଷା କର ।

ଦୁର୍ଭିକ୍ଷରୁ, ଭୟରୁ, ସକଳ ଆତଙ୍କରୁ, ଅସହ୍ୟ ଦଣ୍ଡଭୋଗରୁ, 'ଯାଅ, ମୁଁ ତୁମ୍ଭମାନଙ୍କୁ ଜାଣେ ନାହିଁ' ଏପରି ଦିବ୍ୟବଚନରୁ, ତୁମ୍ଭଠାରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନକାରୀ ସମସ୍ତ ବିଷୟରୁ, ହେ ପ୍ରଭୁ, ଆମ୍ଭମାନଙ୍କୁ ତୁମ୍ଭେ ରକ୍ଷା କର । ଆମୀନ୍ ।

କୁରିୟେଲାୟୀସୋନ.........କୁରି... କୁରି...

www.malankaralibrary.com

ହେ ଆମ୍ଭମାନଙ୍କର ପ୍ରଭୁ, ଆମ୍ଭମାନଙ୍କ ପ୍ରତି ଦୟା କର । ହେ ଆମ୍ଭମାନଙ୍କର ପ୍ରଭୁ, କୃପା ପୂର୍ବକ ଆମ୍ଭମାନଙ୍କ ପ୍ରତି ଦୟା କର । ହେ ଆମ୍ଭମାନଙ୍କର ପ୍ରଭୁ, ଉତ୍ତର ଦେଇ, ଆମ୍ଭମାନଙ୍କ ପ୍ରତି ଦୟା କର ।

ହେ ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭଙ୍କୁ ସ୍ତୁତି, ହେ ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭଙ୍କୁ ସ୍ତୁତି, ହେ ଆମ୍ଭମାନଙ୍କର ଆଶ୍ରୟ ଦାତା, ସର୍ବଦା ତୁମ୍ଭଙ୍କୁ ସ୍ତୁତି । ବାରେକ୍‌ମୋର୍ ।

## ସ୍ତୋତ୍ର ପ୍ରାର୍ଥନା

ହେ ଈଶ୍ୱର,ତୁମ୍ଭଙ୍କୁ ଗ୍ରହଣଯୋଗ୍ୟ ସ୍ତୁତି ଓ ସ୍ତୋତ୍ର କୃତଜ୍ଞତା ସହିତ ଅର୍ପଣ କରିବାକୁ ଆମ୍ଭମାନଙ୍କୁ ଅନୁଗ୍ରହ ପ୍ରଦାନ କର ।

ହେ ପିତା ଈଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ସୃଷ୍ଟିକର୍ତ୍ତା ଓ ସଂରକ୍ଷକ, ତୁମ୍ଭଙ୍କୁ ସ୍ତୋତ୍ରମ୍ ।

ହେ ପୁତ୍ର ଈଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ଉଦ୍ଧାର କର୍ତ୍ତା ଓ ପରିତ୍ରାଣ ଦାତା, ତୁମ୍ଭଙ୍କୁ ସ୍ତୋତ୍ରମ୍ ।

ହେ ପବିତ୍ରଆତ୍ମା ଈଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ଶୁଦ୍ଧିକରଣକାରୀ, ଓ ପ୍ରତିପାଳନକାରୀ, ତୁମ୍ଭଙ୍କୁ ସ୍ତୋତ୍ରମ୍ ।

ହେ ପବିତ୍ର ତ୍ରିତ୍ୱୈକ୍ୟ ଈଶ୍ୱର, ପବିତ୍ର କାଥୋଲିକ୍ ଧର୍ମମଣ୍ଡଳୀକୁ ତୁମ୍ଭେ ସ୍ୱୟଂ ପ୍ରକାଶ କରିଥିବା ହେତୁ, ଏବଂ ସେହି ଧର୍ମମଣ୍ଡଳୀର ସନ୍ତାନ ରୂପେ ଆମ୍ଭମାନଙ୍କୁ ଅନୁଗ୍ରହ ପ୍ରଦାନ କରିଥିବା ହେତୁ, ତୁମ୍ଭଙ୍କୁ ସ୍ତୋତ୍ରମ୍ ।

ଏହି ଜୀବନକୁ ଆମ୍ଭମାନଙ୍କୁ ଆହ୍ୱାନ କରିଥିବା ହେତୁ, ସ୍ତୋତ୍ରମ୍ ।

ତୁମ୍ଭ ସାଧୁସାଧ୍ୱୀମାନଙ୍କର ଉତ୍ତମ ଆଦର୍ଶ ଓ ଦିବ୍ୟ ଉପଦେଶ ନିମନ୍ତେ, ସ୍ତୋତ୍ରମ୍ ।


www.malankaralibrary.com

ତୁମ୍ଭଙ୍କୁ ଜାଣି, ପ୍ରେମ କରି, ସେବା କରିବାକୁ ଆବଶ୍ୟକ କୃପା ଆମ୍ଭମାନଙ୍କୁ ପ୍ରଦାନ କରିଥିବା ହେତୁ, ସ୍ତୋତ୍ରମ୍ ।

ଏହି ଦିବସରେ ଶ୍ରୀହସ୍ତରୁ ଆମ୍ଭମାନେ ପ୍ରାପ୍ତ କରିଥିବା ସକଳ ସାହାଯ୍ୟ ନିମନ୍ତେ, ସ୍ତୋତ୍ରମ୍ ।

## ମଧ୍ୟସ୍ଥ ପ୍ରାର୍ଥନା

ଆମ୍ଭମାନଙ୍କର ମାତାପିତା, ଭାଇଭଉଣୀ, ପରିଜନ, ଗୁରୁଜନ, ବନ୍ଧୁଗଣ ଏବଂ ଆମ୍ଭମାନଙ୍କୁ ଉପକାର କରିଥିବା ବ୍ୟକ୍ତି ବିଶେଷ ସମସ୍ତଙ୍କୁ ଅନୁଗ୍ରହ କର । ଏହି ଦେଶକୁ ଓ ଶାସକବୃନ୍ଦଙ୍କୁ ଏବଂ ପ୍ରତ୍ୟେକ ଦେଶବାସୀଙ୍କୁ ଅନୁଗ୍ରହ ପ୍ରଦାନ କର ।

ସକଳ ଜନତାକୁ ତୁମ୍ଭର ସତ୍ୟତା ଆଡ଼କୁ ସେମାନଙ୍କର ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆକର୍ଷଣ କର । ଆମ୍ଭମାନଙ୍କର ଅଣକାଥୋଲିକ୍ ଭାଇଭଉଣୀମାନଙ୍କୁ ଆଜ୍ଞାନୁବର୍ତ୍ତିତା ଏବଂ ଧର୍ମମଣ୍ଡଳୀର ଏକତାକୁ ଫେରାଇ ଆଣିବା ହେଉ ।

ସକଳ ଭୂମଣ୍ଡଳରେ ବିସ୍ତୃତ ତୁମ୍ଭର ଧର୍ମମଣ୍ଡଳୀକୁ ଅନୁଗ୍ରହ ପ୍ରଦାନ କର । ଧର୍ମମଣ୍ଡଳୀର ପୁଣ୍ୟପିତା ... ପାପା, ଆମ୍ଭମାନଙ୍କର ମଣ୍ଡଳୀର ଅଧ୍ୟକ୍ଷ୍ୟ ଓ ପିତା ହୋଇଥିବା ମୋରାନ୍ ମୋର୍ ବାସେଲୀୟୋସ୍, ... କାଥୋଲିକା ବାୱାକୁ ଅନୁଗ୍ରହ ପ୍ରଦାନ କର । ଆମ୍ଭମାନଙ୍କର ପାଳକ ଓ ମହାଅଭିଶିକ୍ତ ଆବୁନ୍ ମୋର୍ ... ମେତ୍ରାପୋଲୀତ୍ତାଙ୍କୁ ଏବଂ ସତ୍ୟବିଶ୍ୱାସରେ ଅଭିଶିକ୍ତ ସମସ୍ତ ଏପିସ୍‌କୋପ୍ପମାନଙ୍କୁ ଅନୁଗ୍ରହ ପ୍ରଦାନ କର ।

ଆମ୍ଭମାନଙ୍କର ସମସ୍ତ ଉଦ୍ୱାସନ, ଧର୍ମାଞ୍ଚଳ, ମିଶନ, ଯାଜକ, ଯାଜକ ଛାତ୍ର, ସନ୍ୟାସି ସନ୍ୟାସିନୀମାନଙ୍କୁ ଅନୁଗ୍ରହ ପ୍ରଦାନ କର ।


www.malankaralibrary.com

ସକଳ ରୋଗୀ, ଭାରାକ୍ରାନ୍ତ, ପ୍ରବାସୀ, ଅନାଥ, ଭବନ ରହିତ ଏବଂ ବେକାରୀମାନଙ୍କୁ ସବିଶେଷ ଅନୁଗ୍ରହ ପ୍ରଦାନ କର ।

ଆମ୍ଭମାନଙ୍କ ସକଳ ବିଦ୍ୟାଳୟ, ସାସ୍ଥ୍ୟ କେନ୍ଦ୍ର, ଏବଂ ଅନୁଷ୍ଠାନ ଏବଂ ସେଠାରେ ସେବା କରୁଥିବା ସମସ୍ତଙ୍କୁ ଏବଂ ସେହି ଅନୁଷ୍ଠାନଗୁଡ଼ିକ ସହ ସମ୍ପର୍କରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତିମାନଙ୍କୁ ଏବଂ ସେମାନଙ୍କର ପରିବାରର ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଏବଂ ସକଳ ଜନତାଙ୍କୁ ଅନୁଗ୍ରହ ପ୍ରଦାନ କର ।

ତୁମ୍ଭର କୃପା ଏବଂ ଐଶ୍ୱର୍ଯ୍ୟ ପ୍ରଚୁର ଭାବେ ପ୍ରଦାନ କରି ଆମ୍ଭ ସମସ୍ତଙ୍କୁ ଆଶୀର୍ବାଦ କର ।

## ସମର୍ପଣ

ଆଜି ଦିନରେ ଆମ୍ଭେମାନେ କରିଥିବା ସମସ୍ତ ତ୍ରୁଟି ଓ ପାପ ନିମନ୍ତେ ତୁମ୍ଭର ଦୟାରେ ଆମ୍ଭମାନଙ୍କ ପ୍ରତି କ୍ଷମା କର ।

ଏହି ରାତିରେ ଆମ୍ଭମାନଙ୍କୁ ସଂରକ୍ଷଣ କର । ଏହି ରାତି ଏବଂ ଆମ୍ଭମାନଙ୍କର ଜୀବନ ସାରା ତୁମ୍ଭ କୃପାରେ ଏବଂ ପବିତ୍ରତାରେ ଆମ୍ଭମାନଙ୍କୁ ପ୍ରତିପାଳନ କର ।

ଆମ୍ଭମାନଙ୍କର ସମଗ୍ର ଜୀବନକୁ ଏବଂ ନିଜ ନିଜକୁ ତୁମ୍ଭ ଦିବ୍ୟ ସମ୍ମୁଖରେ ସମର୍ପଣ କରୁଅଛୁ । ଆମ୍ଭମାନଙ୍କ ସମର୍ପଣ ଗ୍ରହଣ କର ।

ହେ ପିତା ଈଶ୍ୱର, ତୁମ୍ଭର ପ୍ରେମ, ହେ ପୁତ୍ର ଈଶ୍ୱର, ତୁମ୍ଭର କୃପା ଏବଂ ହେ ପବିତ୍ରାତ୍ମା ଈଶ୍ୱର, ତୁମ୍ଭର ସହାୟତା ଏବଂ ସହଭାଗିତା ଆଜି ଏବଂ ସର୍ବଦା ଆମ୍ଭେମାନେ ପ୍ରାପ୍ତ କରୁ ।

ଈଶ୍ୱର ଜନନୀ ଏବଂ ସକଳ ସାଧୁସାଧ୍ୱୀମାନଙ୍କର ପ୍ରାର୍ଥନା ସାହାଯ୍ୟ ଓ ଅନୁଗ୍ରହ ବର୍ତ୍ତମାନ୍, ସର୍ବଦା ଆମ୍ଭେମାନେ ପ୍ରାପ୍ତ କରୁ । ଆମୀନ୍ ।

www.malankaralibrary.com

ଧନ୍ୟ ମାତା, ଏହି ରାତିରେ ଈଶ୍ୱର କୃପାରେ ଏବଂ ପବିତ୍ରତାରେ, ଆମ୍ଭମାନଙ୍କୁ ସଂରକ୍ଷଣ କର । ଆମୀନ୍ ।

ହେ ଆମ୍ଭମାନଙ୍କର ରକ୍ଷୀଦୂତଗଣ, ଏହି ରାତିରେ ଈଶ୍ୱର କୃପାରେ ଏବଂ ପବିତ୍ରତାରେ, ଆମ୍ଭମାନଙ୍କୁ ସଂରକ୍ଷଣ କର । ଆମୀନ୍ ।

## (ସମସ୍ତେ)

ହେ ମୋର ଆତ୍ମା, ପ୍ରଭୁଙ୍କ ସ୍ତୁତି କର । ମୋର ସର୍ବସ୍ୱ, ତାହାଙ୍କର ପବିତ୍ର ନାମରେ ପ୍ରଶଂସା କର ।

ହେ ମୋର ଆତ୍ମା, ପ୍ରଭୁଙ୍କର ସ୍ତୁତି କର । ତାହାଙ୍କର ଉପକାର କିଛି ଭୁଲିବ ନାହିଁ ।

# ପ୍ରଭାତ ପ୍ରାର୍ଥନା

## ପାରମ୍ଭ ଓ କୌମା

## ନିବେଦନ

ହେ ନିଦ ନଥିବା ସଜାଗପୂର୍ଣ୍ଣ ପ୍ରଭୁ, ତୁମ୍ଭର ଜାଗରଣକୁ ସ୍ତୁତି କରିବା ନିମନ୍ତେ ପାପମଗ୍ନରୁ ଆମ୍ଭମାନଙ୍କର ନିଦକୁ ତୁମ୍ଭେ ସଜାଗ କର ।

ମରଣ ନଥିବା ଜୀବନ୍ତ ଈଶ୍ୱର, ତୁମ୍ଭର ଦୟାକୁ ବନ୍ଦନା କରିବା ନିମନ୍ତେ ମରଣ ଓ ବିନାଶ ହୋଇଥିବା ନିଦରୁ ଆମ୍ଭମାନଙ୍କୁ ତୁମ୍ଭେ ଜୀବନ ପ୍ରଦାନ କର ।

ପିତା, ପୁତ୍ର ଏବଂ ପବିତ୍ରାତ୍ମା,ଈଶ୍ୱର, କେବଳ ତୁମ୍ଭେ ହିଁ ସ୍ୱର୍ଗ ଓ ମର୍ତ୍ତ୍ୟରେ ସ୍ତୁତିତ ଓ ପ୍ରଶଂସିତ ଈଶ୍ୱର, ତୁମ୍ଭଙ୍କୁ ସ୍ତୁତି କରୁଥିବା ସ୍ୱର୍ଗୀୟ ଦୂତମାନଙ୍କର ମହିମାମୟ ବୃନ୍ଦ ସହ ମିଳିତ ହୋଇ ଶୁଦ୍ଧଚିତ୍ତରେ ବର୍ତ୍ତମାନ୍, ସର୍ବଦା ଯୁଗଯୁଗାନ୍ତର ତୁମ୍ଭଙ୍କୁ ସ୍ତୁତି ଓ ପ୍ରଶଂସା କରିବାକୁ ଆମ୍ଭମାନଙ୍କୁ ଯୋଗ୍ୟ କର। ଆମୀନ୍ ।


www.malankaralibrary.com

## ପ୍ରଭୁଙ୍କ ମହିମା .... ପୃଷ୍ଠା - 13

**(ରବିବାର ଦିନ ଏବଂ ପବିତ୍ର ପର୍ବପର୍ବାଣୀରେ ଆବୃତ୍ତି କଲେ ଯଥେଷ୍ଟ)**

## ଗୁହାରି

ହେ ପ୍ରଭୁ, ତୁମ୍ଭର ଇଚ୍ଛା ପାଳନକାରୀମାନଙ୍କର ପ୍ରାର୍ଥନା ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହ କର ।

ପବିତ୍ରାତ୍ମାଙ୍କ ଶକ୍ତିରେ ତୁମ୍ଭ ବିଷୟରେ କହିଥିବା ପ୍ରବକ୍ତାଗଣ, ତୁମ୍ଭର ପୁନରୁତ୍ଥାନ ଘୋଷଣା କରିଥିବା ପ୍ରେରିତଗଣ, ତୁମ୍ଭ ପ୍ରେମଲାଗୀ ଜୀବନ ବିସର୍ଜନ କରିଥିବା ଭାଇଭଉଣୀମାନେ ଆମ୍ଭମାନଙ୍କ ନିମନ୍ତେ ତୁମ୍ଭ ନିକଟରେ ନିବେଦନ କରିବେ ।

ହେ ସାଧୁ ସାଧ୍ୱୀଗଣ, ପ୍ରଭୁଙ୍କର ଇଚ୍ଛା ତୁମ୍ଭେମାନେ ପାଳନ କରିଥିଲ, ସେହି ପ୍ରଭୁଙ୍କ ନିକଟରେ ଆମ୍ଭମାନଙ୍କଠାରୁ ଦଣ୍ଡଦାନ, ଓ ରାଗକ୍ରୋଧର ଯଷ୍ଟି ଲୋପ କରିବା ନିମନ୍ତେ ଆମ୍ଭମାନଙ୍କ ସହିତ ତୁମ୍ଭେମାନେ ମଧ୍ୟ ପ୍ରାର୍ଥନା କରନ୍ତୁ ହେ ପ୍ରଭୁ, ସେମାନଙ୍କର ପ୍ରାର୍ଥନା ଓ ନିବେଦନ ସକାଶେ ଆମ୍ଭମାନଙ୍କ ପ୍ରତି ଦୟା କର । ଆମୀନ୍ ।

ପ୍ରଭୁଙ୍କ ମହିମା ......... ପୃଷ୍ଠା – 13

**(ରବିରାର ଦିନ ଏବଂ ପବିତ୍ର ପର୍ବପର୍ବାଣୀରେ ଆବୃତ୍ତି କଲେ ଯଥେଷ୍ଟ)**

## ଗୁହାରି

ପାପୀମାନଙ୍କ ପ୍ରତି ଦୟା ପ୍ରଦର୍ଶନକାରୀ ପ୍ରଭୁ, ତୁମ୍ଭେ ନ୍ୟାୟବିଚାରଣ କରିବା ଦିବସରେ ଆମ୍ଭମାନଙ୍କ ପ୍ରତି ଦୟା କର ।


www.malankaralibrary.com

ତୁମ୍ଭର ଅସୀମ କୃପାରେ ଆମ୍ଭମାନଙ୍କର ସମସ୍ତ ଋଣ ମୋଚନ କର । ଦୟାଳୁ ପ୍ରଭୁ, ଅତ୍ୟନ୍ତ କ୍ଳେଶଭୋଗ କରି ତୁମ୍ଭ ଦ୍ୱାରରେ ଆଘାତ କରୁଥିବା ଆମ୍ଭମାନଙ୍କ ଯାଚନା ପ୍ରଦାନ କର ।

ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା, ତୁମ୍ଭ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଅଛୁ । ଆମ୍ଭମାନଙ୍କର ସେବା ଗ୍ରହଣ କରି ଆମ୍ଭମାନଙ୍କୁ ଅନୁଗ୍ରହ କର। ଉନ୍ନତବାସୀଙ୍କର ମାଲିକ ଏବଂ ତଳବାସୀଙ୍କର ଆଶ୍ରୟ ହେ ଈଶ୍ୱର, ଆମ୍ଭମାନଙ୍କର ସେବା ଗ୍ରହଣ କରି ଆମ୍ଭମାନଙ୍କୁ ଅନୁଗ୍ରହ କର । ଆମୀନ୍

ହାଲେଲୁୟା, ହାଲେଲୁୟା, ହାଲେଲୁୟା
ହେ ଈଶ୍ୱର, ତୁମ୍ଭଙ୍କୁ ସ୍ତୁତି ।
ହାଲେଲୁୟା, ହାଲେଲୁୟା, ହାଲେଲୁୟା
ହେ ଈଶ୍ୱର, ତୁମ୍ଭଙ୍କୁ ସ୍ତୁତି ।
ହାଲେଲୁୟା, ହାଲେଲୁୟା, ହାଲେଲୁୟା
ହେ ଈଶ୍ୱର, ତୁମ୍ଭଙ୍କୁ ସ୍ତୁତି ।

ଦୟାମୟ ଈଶ୍ୱର, ତୁମ୍ଭର ଅନୁଗ୍ରହ ସକାଶେ ଆମ୍ଭମାନଙ୍କ ପ୍ରତି ଦୟା କର । ଆମ୍ଭେମାନେ ଯେପରି ଈଶ୍ୱରଙ୍କ ସନ୍ତାନ ହେବୁ ସେଥିପାଇଁ ସେମାନେ ଜୀବିତ ଥିବା ସମୟରେ ଆମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି, ସେହି ଆମ୍ଭମାନଙ୍କର ପିତାମହମାନଙ୍କୁ, କୁର୍ବାନା ମଧ୍ୟରେ ଏବଂ ପ୍ରାର୍ଥନାରେ ଆମେମାନେ ସ୍ମରଣ କରିବାକୁ ହେବ ।

ଅକ୍ଷୟ ସ୍ୱର୍ଗ ରାଜ୍ୟରେ ନ୍ୟାୟବନ୍ତ ଓ ସାଧୁସାଧ୍ୱୀମାନଙ୍କ ସହିତ ଈଶ୍ୱର ପୁତ୍ର ସେମାନଙ୍କୁ ସାନ୍ତ୍ୱନା ପ୍ରଦାନ କରନ୍ତୁ, ହେ ପ୍ରଭୁ, ଆମ୍ଭମାନଙ୍କ ପ୍ରତି ଦୟା କରି, ଆମ୍ଭମାନଙ୍କୁ ସାହାଯ୍ୟ କର ।

www.malankaralibrary.com

ତ୍ରିତ୍ୱଙ୍କୁ ସ୍ତୁତି, ତ୍ରିତ୍ୱଙ୍କୁ ସ୍ତୁତି, ସ୍ତୁତିତ, ସନାତନ ସତ୍ୟ, ଅନାଦୀ ଅନନ୍ତ ତ୍ରିତ୍ୱଙ୍କୁ ଆମ୍ଭେମାନେ ସ୍ତୁତି କରୁଅଛୁ ।

ହେ ଈଶ୍ୱର, ସଦାସର୍ବଦା ତୁମ୍ଭେ ସ୍ତୁତିର ଯୋଗ୍ୟତମ ଈଶ୍ୱର ଅଟ ।

## ଦୂତଗଣଙ୍କର ସ୍ତୁତି

ଉର୍ଦ୍ଧ୍ୱରେ ସ୍ୱର୍ଗଦୂତଗଣ ଓ ମୁଖ୍ୟଦୂତମାନେ ସ୍ତୁତି କରିବା ଭଳି, ବଳହୀନ ଓ ଧୂଳି ସଦୃଶ ଆମ୍ଭେମାନେ ଏହି ପ୍ରକାରେ ଘୋଷଣା କରି ସ୍ତୁତି କରୁଅଛୁ ।

'ସଦାକାଳ ଓ ସଦା ସମୟ ଉର୍ଦ୍ଧ୍ୱରେ ଈଶ୍ୱରଙ୍କୁ ସ୍ତୁତି ଓ ପୃଥିବୀରେ ଶାନ୍ତି ଓ ସମାଧାନ ଏବଂ ମାନବ ସନ୍ତାନମାନଙ୍କୁ ମଙ୍ଗଳମୟ ପ୍ରତ୍ୟାଶା ହେଉ ।'

ଆମ୍ଭେମାନେ ତୁମ୍ଭର ସ୍ତୁତି, ଆରାଧନା ଓ ବନ୍ଦନା କରୁଅଛୁ । ତୁମ୍ଭ ଉଦ୍ଦେଶ୍ୟରେ ସ୍ତୁତି କୀର୍ତ୍ତନ ଆମ୍ଭେମାନେ ଗାନ କରୁଅଛୁ ।

ହେ ସର୍ବଶକ୍ତିମାନ ପିତା ଓ ସ୍ୱର୍ଗୀୟ ରାଜା ଓ ସୃଷ୍ଟିକର୍ତ୍ତା ହୋଇଥିବା ପ୍ରଭୁ, ତୁମ୍ଭଙ୍କୁ ଏବଂ ହେ ଯୀଶୁ ମସିହା, ଏକମାତ୍ର ପୁତ୍ର, ପ୍ରଭୁ ଈଶ୍ୱର, ତୁମ୍ଭଙ୍କୁ ଏବଂ ପବିତ୍ରାତ୍ମା ସହ ତୁମ୍ଭର ମହାନ ମହତ୍ୱ ହେତୁ ଆମ୍ଭେମାନେ ସ୍ତୋତ୍ର ଗାନ କରୁଅଛୁ ।

ପିତାଙ୍କର ପୁତ୍ର, ବଚନ ଓ ଜଗତର ପାପ ବହନ କରିଥିବା ଓ ବହନ କରୁଥିବା ଈଶ୍ୱରଙ୍କ ମେଷଶାବକ, ହେ ପ୍ରଭୁ ଈଶ୍ୱର, ଆମ୍ଭମାନଙ୍କ ପ୍ରତି ଦୟା କର ।

ଜଗତର ପାପ ବହନ କରିଥିବା ଓ ବହନ କରୁଥିବା ହେ ପ୍ରଭୁ ଈଶ୍ୱର, କର୍ଣ୍ଣପାତ କରି ଆମ୍ଭମାନଙ୍କ ଗୁହାରି ଗ୍ରହଣ କର ।

ଆପଣା ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ମହିମା,ସହ ଉପବେଶନ କରିଥିବା ହେ ପ୍ରଭୁ ଈଶ୍ୱର, ଦୟାପୂର୍ବକ ଆମ୍ଭମାନଙ୍କ ପ୍ରତି ଦୟା କର ।

www.malankaralibrary.com

କାରଣ ତୁମ୍ଭେ ହିଁ ପବିତ୍ର । ପବିତ୍ରାତ୍ମାଙ୍କ ସହ, ହେ ଯୀଶୁ ମସିହା, ତୁମ୍ଭେ ହିଁ ପ୍ରଭୁ । ପିତା ଈଶ୍ୱରଙ୍କ ମହିମା ହେଉ । ଆମୀନ୍

ସଦାକାଳ ଓ ସଦାସମୟ ଏବଂ ଆମ୍ଭମାନଙ୍କର ଜୀବନ ସାରା ତୁମ୍ଭଙ୍କୁ ପ୍ରଶଂସା କରି ସର୍ବଦା ପ୍ରଶଂସିତ ଓ ସଦାକାଳ ସ୍ଥାୟୀ ତୁମ୍ଭର ପବିତ୍ର ନାମଙ୍କୁ ଆମ୍ଭେମାନେ ସ୍ତୁତି କରୁଅଛୁ ।

ଆମ୍ଭମାନଙ୍କର ପିତାମହମାନଙ୍କର ଈଶ୍ୱର ହୋଇଥିବା ହେ ସର୍ବଶକ୍ତିମାନ ପ୍ରଭୁ, ତୁମ୍ଭେ ଧନ୍ୟ । ତୁମ୍ଭର ପବିତ୍ର ନାମ ସ୍ତୁତିତ ଏବଂ ସଦା ସ୍ତୁତିରେ ବଳବତ୍ତର ।

ତୁମ୍ଭେ ସ୍ତୁତିର ଯୋଗ୍ୟତମ ଈଶ୍ୱର । ମହତ୍ୱ ତୁମ୍ଭଙ୍କୁ ଉପଯୁକ୍ତ ।ସମସ୍ତଙ୍କ ଈଶ୍ୱର ଓ ସତ୍ୟର ପିତା ହୋଇଥିବା ହେ ପ୍ରଭୁ ଈଶ୍ୱର, ତୁମ୍ଭଙ୍କୁ ଓ ଏକମାତ୍ର ପୁତ୍ରଙ୍କୁ ଏବଂ ଜୀବନ୍ତ ପବିତ୍ର ଆତ୍ମାଙ୍କୁ ପ୍ରଶଂସା ସଦା ସଂଯୁକ୍ତ । ତାହା ବର୍ତ୍ତମାନ, ସର୍ବଦା ଓ ଯୁଗାଯୁଗାନ୍ତର ହେଉ । ଆମୀନ୍ ।

ମୋରାନେଶ୍ରୁ ମଶିହା.... ପୃଷ୍ଠା-3

(‘ପ୍ରଭୁଙ୍କ ମହିମା’... କୌମା ରବିବାର ଓ ପର୍ବ ପର୍ବାଣୀରେ ଆବୃତ୍ତି କଲେ ଯଥେଷ୍ଟ ।)

## 51-ତମ ମସ୍‌ମୂରା

ହେ ଈଶ୍ୱର, ତୁମ୍ଭର କୃପା ଅନୁସାରେ ମୋ' ପ୍ରତି ଦୟା କର । ତୁମ୍ଭ କୃପାର ମହତ୍ୱ ଅନୁସାରେ ମୋର ପାପ ସବୁ ମାର୍ଜନା କର ।

ମୋ' ଅପରାଧରୁ ମୋତେ ପ୍ରକ୍ଷାଳନ କର ଓ ମୋ' ପାପରୁ ମୋତେ ଶୁଚି କର ।

କାରଣ ମୁଁ ଆପଣା ପାପ ସ୍ୱୀକାର କରୁଅଛି ଓ ମୋ' ପାପ ସବୁ ସର୍ବଦା ମୋ ସମ୍ମୁଖରେ ଅଛି ।

www.malankaralibrary.com

ତୁମ୍ଭ ବିରୁଦ୍ଧରେ ହିଁ ପାପ କରିଅଛି ଆଉ ତୁମ୍ଭର ଦୃଷ୍ଟିରେ ଯାହା ମନ୍ଦ ତାହା ମୁଁ କରିଅଛି । କାରଣ ତୁମ୍ଭ ବଚନରେ ତୁମ୍ଭ ଧାର୍ମିକ, ତୁମ୍ଭର ନ୍ୟାୟ ବିଚାରରେ ତୁମ୍ଭେ ବିଜୟାନ୍ୱିତ ।

କାରଣ ଅନ୍ୟାୟରେ ମୁଁ ସୃଷ୍ଟିତ ହେଲି । ପାପରେ ମୋ ମାତା ମୋତେ ଗର୍ଭରେ ଧାରଣ କଲା ।

ତଥାପି ଧାର୍ମିକତାରେ ତୁମ୍ଭେ ସନ୍ତୁଷ୍ଟ ହେଉଛ । ତୁମ୍ଭ ଜ୍ଞାନର ରହସ୍ୟଗୁଡ଼ିକ ମୋତେ ଜ୍ଞାତ କରାଇଲ ।

ମୋ' ଉପରେ ଏସେବ ସିଞ୍ଚନ କର । ତହିଁରେ ମୁଁ ସଫା ହେବି । ମୋତେ ଗୌରବାନ୍ୱିତ କର, ମୁଁ ହିମଠାରୁ ଗୌରବାନ୍ୱିତ ହେବି ।

ତୁମ୍ଭର ଆନନ୍ଦ ଓ ଆହ୍ଲାଦ ଦ୍ୱାରା ମୋତେ ପରିତୃପ୍ତ କର, ତେବେ ମୋର ଦୁର୍ବଳ ଅସ୍ଥି ସକଳ ପ୍ରଫୁଲ୍ଲ ହେବ । ମୋର ପାପରୁ ତୁମ୍ଭ ଶ୍ରୀମୁଖ ଫେରାଇ ମୋର ଅତିକ୍ରମ ସବୁ ମାର୍ଜନା କର ।

ହେ ଈଶ୍ୱର, ନିର୍ମଳ ହୃଦୟ ମୋଠାରେ ସୃଷ୍ଟି କର । ତୁମ୍ଭ ଚିରସ୍ଥାୟୀ ଆତ୍ମାକୁ ମୋ' ଅନ୍ତରରେ ନୂତନ କର ।

ତୁମ୍ଭ ଶ୍ରୀଛାମୁରୁ ମୋତେ ଦୂର କର ନାହିଁ ଓ ତୁମ୍ଭ ପବିତ୍ରାତ୍ମାଙ୍କୁ ମୋ'ଠାରୁ ନିଅ ନାହିଁ ।

ତୁମ୍ଭର ପରିତ୍ରାଣର ଆନନ୍ଦ ଓ ରକ୍ଷା ମୋତେ ଫେରାଇ ଦିଅ । ମହିମାମୟ ତୁମ୍ଭର ଆତ୍ମା ମୋତେ ସମ୍ଭାଳି ରଖିବ ।

ତହିଁରେ ମୁଁ ଅତିକ୍ରମିମାନଙ୍କୁ ତୁମ୍ଭର ପଥ ଶିଖାଇବି ଓ ପାପୀମାନେ ତୁମ୍ଭ ପ୍ରତି ଫେରିବେ ।


www.malankaralibrary.com

ହେ ମୋର ଈଶ୍ୱର, ମୋର ପରିତ୍ରାଣର ଈଶ୍ୱର, ରକ୍ତପାତ ଦୋଷରୁ ମୋତେ ଉଦ୍ଧାର କର ତହିଁରେ ମୋର ଜିହ୍ୱା ତୁମ୍ଭ ଧାର୍ମିକତାର ସ୍ତୁତି କରିବ । ହେ ପ୍ରଭୁ, ମୋର ଓଷ୍ଠାଧର ଫିଟାଅ ଦିଅ, ତହିଁରେ ମୋ ମୁଖ ତୁମ୍ଭର ସ୍ତୁତି ଗାନ କରିବ ।

ଯେହେତୁ, ତୁମ୍ଭେ ବଳିଦାନରେ ସନ୍ତୁଷ୍ଟ ନୁହେଁ, ଅଗ୍ନି ଅର୍ପଣରେ ତୁମ୍ଭର ମନ ପାଇଲା ନାହିଁ ।

ନତସ୍ଥାୟୀ ଆତ୍ମା ଅଟେ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି । କାରଣ ଈଶ୍ୱର ଭଙ୍ଗାରୁଜ ହୃଦୟକୁ ତୁଚ୍ଛ କରିବେ ନାହିଁ ।

ତୁମ୍ଭେ ଆପଣା ଆନନ୍ଦରେ ସିୟୋନର ମଙ୍ଗଳ କର । ଯେରୁଶାଲେମର ପ୍ରାଚୀର ସବୁ ନିର୍ମାଣ କର । ତେବେ ବଳି ଓ ଅଗ୍ନିଅର୍ପଣରେ ତୁମ୍ଭେ ପ୍ରସନ୍ନ ହେବ । ତେବେ ତୁମ୍ଭ ବଳିପୀଠ ଉପରେ ବୃଷମାନ ବଳି ରୂପେ ଅର୍ପିତ ହେବ ।

ତୁମ୍ଭେ ସ୍ତୁତିର ଯୋଗ୍ୟତମ ଈଶ୍ୱର । ବାରେକ୍‌ମୋର୍...

## ଗୁହାରି

ହେ ପ୍ରଭୁ, ତୁମ୍ଭଙ୍କୁ ସ୍ତୁତି କରିବା ଓ ଗୌରବମୟ ତୁମ୍ଭର ପବିତ୍ର ନାମର କୀର୍ତ୍ତନ ଗାନ କରି, ପ୍ରଭାତ କାଳେ ତୁମ୍ଭର କୃପା ଓ ରାତି କାଳରେ ତୁମ୍ଭଠାରେ ଥିବା ମୋର ବିଶ୍ୱାସ ଜ୍ଞାପନ କରିବା କେଡ଼େ ମଙ୍ଗଳମୟ !

ହେ ପ୍ରଭୁ, ପ୍ରଭାତରେ ମୋର ସ୍ୱର ତୁମ୍ଭେ ଶ୍ରବଣ କର । ପ୍ରଭାତ ସମୟରେ ମୁଁ ପ୍ରସ୍ତୁତ ହୋଇ ତୁମ୍ଭ ସମ୍ମୁଖରେ ଉପସ୍ଥିତ ହେବି ।

ହେ ପ୍ରଭୁ, ତୁମ୍ଭର ଜନତା ପ୍ରତି ଦୟା କର । ଆମ୍ଭ ସମସ୍ତଙ୍କର ପାପ ସବୁ ଛାଡ଼ି ଦେଇ କ୍ଷମା କର ।


www.malankaralibrary.com

ହେ ପବିତ୍ର ପିତା ଈଶ୍ୱର, ତୁମ୍ଭର ଦକ୍ଷିଣ ହସ୍ତ ଆମ୍ଭମାନଙ୍କର ଉପରେ ବିସ୍ତାର କରି ତୁମ୍ଭର ପବିତ୍ର ନାମ ସକାଶେ ଆମ୍ଭମାନଙ୍କର ରୋଗ ସବୁ ତୁମ୍ଭେ ସୁସ୍ଥ କର । ଆମ୍ମୀନ୍ ।

## କୌମା

## ବିଶ୍ୱାସପ୍ରମାଣ

## ଦିନ ପ୍ରତିଷ୍ଠା

ହେ ଦୟାମୟ ଈଶ୍ୱର, ଏହି ଦିବସକୁ ଆମ୍ଭେମାନେ ତୁମ୍ଭଙ୍କୁ ପ୍ରତିଷ୍ଠା କରୁଅଛୁ । ଏହି ଦିବସରେ ଧର୍ମମଣ୍ଡଳୀରେ ସବୁଆଡ଼େ ଅର୍ପଣ କରାଯାଉଥିବା ସବୁ କୁର୍ବାନା, ପ୍ରାର୍ଥନା ଏବଂ ପୁଣ୍ୟକର୍ମ ତୁମ୍ଭଙ୍କୁ ଆମ୍ଭେମାନେ ଉତ୍ସର୍ଗ କରୁଅଛୁ ।

ଏହା ସହିତ ଆମ୍ଭମାନଙ୍କର ପ୍ରାର୍ଥନା ଓ ସୁଖଦୁଃଖକୁ, କାର୍ଯ୍ୟକଳାପକୁ ମଧ୍ୟ ଆମ୍ଭେମାନେ ଅର୍ପଣ କରୁଅଛୁ ।

ଆଜି ତୁମ୍ଭ ପଥରେ ଆମ୍ଭମାନଙ୍କୁ ଚଳାଅ । ଆଜି ତୁମ୍ଭ ଶକ୍ତି ଆମ୍ଭମାନଙ୍କୁ ସାହାଯ୍ୟ କରୁ ।

ଆଜିର ଆମ୍ଭମାନଙ୍କର ସକଳ ଚିନ୍ତା, ବାକ୍ୟ, ଓ କର୍ମ ତୁମ୍ଭର ପବିତ୍ର ନାମର ମହତ୍ୱ ନିମନ୍ତେ ଉପଯୋଗୀ ହେଉ ।

ପିଶାଚର ଫାନ୍ଦରୁ, ମନ୍ଦଆଡ଼କୁ ଗତି କରୁଥିବା ପ୍ରଲୋଭନରୁ ଆମ୍ଭମାନଙ୍କୁ ରକ୍ଷା କର ।

ହେ ଦୟାମୟ ପ୍ରଭୁ, ଆଜି ଆମ୍ଭମାନଙ୍କ ସମ୍ମୁଖରେ, ଓ ପଛରେ, ଆମ୍ଭମାନଙ୍କର ବାମରେ ଓ ଦକ୍ଷିଣରେ, ଆମ୍ଭମାନଙ୍କର ଉପରେ ଓ ତଳେ, ଆମ୍ଭମାନଙ୍କର ଅନ୍ତରେ ଓ ପାର୍ଶ୍ୱରେ ରହି ଆମ୍ଭମାନଙ୍କୁ ସଂରକ୍ଷଣ କର ଏବଂ ସାଧୁତା ପ୍ରଦାନ କର ।



www.malankaralibrary.com

ଈଶ୍ୱର ମାତାଙ୍କର ଏବଂ ସକଳ ସାଧୁସାଧ୍ୱୀମାନଙ୍କର ପ୍ରାର୍ଥନା ସାହାଯ୍ୟ ଓ ଅନୁଗ୍ରହ ଦାନ ବର୍ତ୍ତମାନ୍ ସର୍ବଦା ଆମ୍ଭମାନଙ୍କର ଉପରେ ତିଷ୍ଠି ରହୁ । ଆମୀନ୍

(ସମସ୍ତେ)

ଧନ୍ୟ ତ୍ରିତ୍ୱ, ଅନାଦି ଅନନ୍ତ ତୁମ୍ଭର କୃପା ଓ ଶକ୍ତି ଆମ୍ଭମାନଙ୍କର ସାହାଯ୍ୟ ନିମନ୍ତେ ପ୍ରେରଣ କର । ହେ ପ୍ରଭୁ, ତୁମ୍ଭର ରକ୍ଷା ସର୍ବଦା ଆମ୍ଭମାନଙ୍କୁ ପ୍ରଦାନ କର । ଆମ୍ମୀନ୍ ।

## ତୃତୀୟ ଘଣ୍ଟିକା
## ପ୍ରାରମ୍ଭ ଓ କୌମା

ହେ ପ୍ରଭୁ, ତୁମ୍ଭର କୃପା ସକାଶେ ମୋ ପ୍ରତି ଦୟା କର । ହେ ମୋର ପ୍ରଭୁ, ତୁମ୍ଭେ ମୋତେ ପବିତ୍ରିକୃତ କର । ତୁମ୍ଭର ବଦାନ୍ୟତାରେ ମୋର ସକଳ ତ୍ରୁଟି ତୁମ୍ଭେ ମାର୍ଜନା କର ।

ହେ ମୋର ପ୍ରଭୁ, ତୁମ୍ଭର ସକଳ ଅନୁଗ୍ରହ ଓ ପାପ ମୋଚନ ନିମନ୍ତେ ମୋତେ ଯୋଗ୍ୟ କର ।

ହେ ପ୍ରଭୁ, ଅପବିତ୍ର ଭାବନା ଏବଂ ନିନ୍ଦାଜନକ ଚିନ୍ତା ମୋଠାରୁ ଦୂର କର । ହେ ପ୍ରଭୁ, ପିଶାଚର ଫାନ୍ଦରୁ ମୋତେ ରକ୍ଷା କର ।

ହେ ମୋର ପ୍ରଭୁ, ମୁଁ ଯେପରି କେବଳ ତୁମ୍ଭର ହୋଇ ରହିବି ଏବଂ ତୁମ୍ଭ ଇଚ୍ଛାର ଯୋଗ୍ୟ ବିବେଚିତ ହେବି, ସେଥିପାଇଁ ମୋତେ ତୁମ୍ଭର କୃପା ପ୍ରଦାନ କର । ହେ ପ୍ରଭୁ, ଜୀବନର ଘାଟରେ ମୋତେ ପ୍ରବେଶ କରାଅ । ହେ ପ୍ରଭୁ, ଅନୁତପ୍ତ ହୃଦୟ ମୋତେ ପ୍ରଦାନ କର ।


www.malankaralibrary.com

ହେ ପ୍ରଭୁ, ନମ୍ର ଓ ଧର୍ଯ୍ୟଶୀଳ ଚିନ୍ତାଧାରା ଏବଂ ତୁମ୍ଭର ଇଚ୍ଛା ମୁତାବକ ସମସ୍ତ ବିଷୟ ମୋତେ ପ୍ରଦାନ କର ।

ହେ ପ୍ରଭୁ, ତୁମ୍ଭର ଅନୁଗ୍ରହର ମହତ୍ୱ ଅନୁସାରେ ମୋର ଜୀବନର ପରିତ୍ରାଣ ନିମନ୍ତେ ଆବଶ୍ୟକ ସକଳ ଉତ୍ତମ ବିଷୟ ମୋତେ ପ୍ରଦାନ କର ।

ହେ ମୋର ପ୍ରଭୁ, ଜ୍ଞାନ, ବିବେକ ଓ କ୍ଷମାଶୀଳତା ମୋତେ ପ୍ରଦାନ କର ।

ହେ ପ୍ରଭୁ, ଅସାର ଚିନ୍ତା ମୋଠାରୁ ଦୂର କରି ତୁମ୍ଭ ପ୍ରତି ଭୟଭକ୍ତି ମୋତେ ପ୍ରଦାନ କର । ଦୟା, ପ୍ରେମ ଓ ଭାତୃପ୍ରେମରେ ମୋତେ ପୂର୍ଣ୍ଣ କର ।

ହେ ଈଶ୍ୱର, ମୁଁ ମହା ପାପୀ, ମୋ' ପ୍ରତି ଦୟା କର ।

ହେ ମଶିହା, ମୁଁ ପାପୀ, ମୋ' ପ୍ରତି ଦୟା କର । ଆମ୍ମୀନ୍ ।

ହେ ଅନାଦୀ ଓ ଅନନ୍ତ ମହାନ ଈଶ୍ୱର, ତୁମ୍ଭେ ଆପଣା ପ୍ରେମକାରୀମାନଙ୍କ ପାଇଁ ଆପଣା ପ୍ରତିଶ୍ରୁତି, ଏବଂ ସତ୍ୟକୁ ସଦା ପାଳନକାରୀ ଈଶ୍ୱର ଅଟନ୍ତି । ଆପଣା ପୁତ୍ର ଯୀଶୁ ମସିହାଙ୍କ ଦ୍ୱାରା ପାପରୁ ମୁକ୍ତି ପ୍ରଦାନ କରିଅଛି ।

ହେ ସମସ୍ତ ଜୀବନର ଉତ୍ସ, ତୁମ୍ଭେ ତୁମ୍ଭଠାରେ ଆଶ୍ରୟ ଗ୍ରହଣ କରିଥିବା ସମସ୍ତଙ୍କର ସହାଯ୍ୟକାରୀ ଏବଂ ତୁମ୍ଭର ଅନ୍ୱେଷଣକାରୀମାନଙ୍କର ଶରଣ ଅଟ ।

ତୃତୀୟ ଘଣ୍ଟିକା ସମୟରେ ଅଗ୍ନି ଜିହ୍ୱା ସାଦୃଶରେ ଧନ୍ୟ ପ୍ରେରିତମାନଙ୍କ ଉପରେ ଢ଼ାଳି ଦିଆଯାଇଥିବା ପବିତ୍ରାତ୍ମାଙ୍କୁ ସବୁବେଳେ ଆମ୍ଭମାନଙ୍କୁ ପ୍ରଦାନ କରି ଆମ୍ଭମାନଙ୍କୁ ଐଶ୍ୱରିକ ଦାନରେ ପୂର୍ଣ୍ଣ କର ।

www.malankaralibrary.com

ଦୃଶ୍ୟ ଓ ଅଦୃଶ୍ୟ ଆତ୍ମମାନଙ୍କର ସକଳ ପାପରୁ ଏବଂ ତୁମ୍ଭର ଅନିଚ୍ଛାଭରା ସକଳ ଚିନ୍ତାରୁ ତାହାଙ୍କ ଦ୍ୱାରା ଆମ୍ଭମାନଙ୍କୁ ପବିତ୍ରିକୃତ କର ।

ଆମ୍ଭମାନଙ୍କ ଉପରେ ଥିବା ତୁମ୍ଭର ସକଳ କୃପା ନିମନ୍ତେ ଆମ୍ଭେମାନେ ତୁମ୍ଭଙ୍କୁ ସ୍ତୋତ୍ରଗାନ କରି ନିଷ୍କଳଙ୍କ ହୃଦୟ ଓ ନିର୍ମଳ ଆତ୍ମା ସହ ତୁମ୍ଭ ଦିବ୍ୟ ସମ୍ମୁଖରେ ଚିରକାଳ ତିଷ୍ଠି ରହିବାକୁ ଆମ୍ଭମାନଙ୍କୁ ଯୋଗ୍ୟ ବିବେଚିତ କର । ଆମ୍ମୀନ୍ ।

## ଗୁହାରି

ହେ ଆମ୍ଭମାନଙ୍କର ପ୍ରଭୁ, ଯୀଶୁ ମସିହା, ତୁମ୍ଭର ଧନ୍ୟ ପ୍ରେରିତମାନଙ୍କୁ ତୁମ୍ଭେ ପବିତ୍ରାତ୍ମାଙ୍କୁ ଦାନ କରିଥିଲ ।

ସକଳ ବିଷୟ ଉପରେ ଅଧିକାର ପ୍ରଦାନକାରୀ ପୁତ୍ରତ୍ୱର, ଜ୍ଞାନର ଓ ଶକ୍ତିର ପବିତ୍ରାତ୍ମାଙ୍କୁ ଆମ୍ଭମାନଙ୍କୁ ପ୍ରଦାନ କର ।

ସେହି ପବିତ୍ରାତ୍ମା ସର୍ବଦା ଆମ୍ଭମାନଙ୍କ ସହିତ ବାସ କରୁ । ତାହାଙ୍କର ସେବାକାର୍ଯ୍ୟରୁ ଆମ୍ଭମାନଙ୍କୁ ବଞ୍ଚିତ କର ନାହିଁ ।

ସକଳକୁ ପରିପୂର୍ଣ୍ଣତା ପ୍ରଦାନକାରୀ, ସର୍ବବ୍ୟାପୀ, ସକଳ ଅନୁଗ୍ରହର ଉତ୍ସ, ଜୀବନ ପ୍ରଦାନକାରୀ ସତ୍ୟାତ୍ମାଙ୍କ ଦ୍ୱାରା ସାନ୍ତ୍ୱନା ପ୍ରଦାନକାରୀ ହେ ସ୍ୱର୍ଗୀୟ ରାଜା, ଆମ୍ଭମାନଙ୍କ ପ୍ରତି ପ୍ରସନ୍ନ ହୋଇ ଆମ୍ଭମାନଙ୍କଠାରେ ବାସ କର ।

ସମସ୍ତ ମଳିନତାରୁ ଆମ୍ଭମାନଙ୍କୁ ନିର୍ମଳ କରି ଆମ୍ଭମାନଙ୍କର ଆତ୍ମାଙ୍କୁ ରକ୍ଷା କର ।

ହେ ଆମ୍ଭମାନଙ୍କର ପ୍ରଭୁ ମସିହା, ତୁମ୍ଭର ଶିଷ୍ୟମାନଙ୍କ ନିକଟରେ ତୁମ୍ଭେ ବିରାଜମାନ୍ ହୋଇ ସେମାନଙ୍କୁ ଶାନ୍ତି ପ୍ରଦାନ କରିଥିଲ । ସେହିପରି ତୁମ୍ଭର ଏହା ଦାସଗଣଙ୍କ ସହିତ ବିରାଜମାନ୍ ହୋଇ ଆମ୍ଭମାନଙ୍କୁ ତୁମ୍ଭର ପରିତ୍ରାଣ ପ୍ରଦାନ କର । ଆମ୍ମୀନ୍ ।

## କୌମା, ବିଶ୍ୱାସପ୍ରମାଣ


www.malankaralibrary.com

# THE RITE OF HOLY QURBANA IN ODIA

## (For the use of the Faithful)

Translated from

Malankara Suriyani Catholica Sabha

# VISHUDHA QURBANAKRAMAM



www.malankaralibrary.com

# କୁର୍ବାନା କ୍ରମ

(ତ୍ରଣୋସରେ କ୍ରୁଶ ସମ୍ମୁଖରେ ବତି ରହିବାକୁ ଅଛି ।
ଗିର୍ଜାରେ ପ୍ରାର୍ଥନା ଆରମ୍ଭ କରିବା ପୂର୍ବେ ଏହି ବତି ଜଳାଇବାକୁ ପଡ଼ିବ ।)
ଗିର୍ଜା ଭିତରକୁ ପ୍ରବେଶ କରୁ କରୁ ନତ ମସ୍ତକ କରି ବନ୍ଦନା କଲା ପରେ କ୍ରୁଶ ଚିହ୍ନ କରି)

ହେ ଈଶ୍ୱର,ଆଦରପୂର୍ବକ ତୁମ୍ଭର ଭବନକୁ ଆସି ମୁଁ ମୋର ମାନତ ସବୁ ପୂର୍ଣ୍ଣ କରିବି

ଯାଜକ: ଶୁବ୍ହୋ ଲାବୋ ଉ ଲବ୍ରୋ ଓ୍ୱଲରୂହୋ କାଦୀଶୋ ।

ମଣ୍ଡଳୀ: ବଳହୀନ ପାପୀ ଆମ୍ଭେମାନେ ଓ ଆମ ଉପରେ ଏବଂ ଦୁଇଟି ଜଗତ ଉପରେ ତୁମ୍ଭର ଦୟା ଓ କରୁଣା ସଦାବେଳେ ଆମ ଉପରେ ବର୍ଷଣ କର ।

(ଯାଜକ ପ୍ରାର୍ଥନା ସାହାଯ୍ୟ ଭିକ୍ଷା କରନ୍ତି ।)

ଯାଜକ: ହେ ମୋର ଭାଇ ଭଉଣୀମାନେ, ଜୀବନଦାୟକ ପବିତ୍ର ବଳୀ ସମଗ୍ର ମଣ୍ଡଳୀ ନିମନ୍ତେ ଉତ୍ସର୍ଗ କରିବାକୁ ମୁଁ ଯୋଗ୍ୟ ବିବେଚିତ ହେବା ପାଇଁ ମୋ ନିମନ୍ତେ ପ୍ରାର୍ଥନା କର ।

ମଣ୍ଡଳୀ: ପ୍ରଭୁ ଆପଣଙ୍କର ପ୍ରାର୍ଥନା ଶ୍ରବଣ କରି ବଳିରେ ପ୍ରସନ୍ନ ହୋଇ ଏହି କୁର୍ବାନା ଗ୍ରହଣ କରି ଆପଣଙ୍କ ସହିତ ଆମ୍ଭମାନଙ୍କୁ ସଂଯୁକ୍ତ କରନ୍ତୁ ।

(ସେବାୟତ ଯବନିକା ଟାଣୀ ମଦ୍‌ବହା ଆଚ୍ଛାଦନ କରେ ।
ମଧ୍ୟରେ ଥିବା ବତିରୁ ପ୍ରଥମେ ଉତ୍ତର ଦିଗରେ ପରେ ଦକ୍ଷିଣ ଦିଗରେ ବତିଗୁଡ଼ିକ ଜଳାଏ)

# ପୁରାତନ ନିୟମରୁ ପଠନ

ମଣ୍ଡଳୀ: ଧାର୍ମିକମାନଙ୍କ ଶିବିର ମଧ୍ୟରେ ମହତ୍ୱର ଓ ପରିତ୍ରାଣର ଶବ୍ଦ ବୋଲି ଦାବିଦଙ୍କ ଜରିଆରେ ପବିତ୍ର ରୂହା ଗାନ କରିଥିଲେ ।


www.malankaralibrary.com

(ସେବାୟତ ପ୍ରାର୍ଥନା ମେଜର ଉତ୍ତର ପୂର୍ବ ପାର୍ଶ୍ବରେ ମଣ୍ଡଳୀର ଅଭିମୁଖରେ ରହି ପଠନ ପରେ)

ସେବା: (...) ଗ୍ରନ୍ଥରୁ ପାଠ, ବାରେକ୍‌ମୋର୍ ।

ମଣ୍ଡଳୀ: ଅଧୀଶ୍ୱରଙ୍କୁ ସ୍ତୁତି, ତାହାଙ୍କ ଅନୁଗ୍ରହ ଆମ୍ଭମାନଙ୍କ ଉପରେ ସର୍ବଦା ରହୁ ।

## ସର୍ବସାଧାରଣ ଉପାସନା ପୂର୍ବ ଗୀତ

## (ଅନୁତାପ)

ଆଲୋକ ପୂରିତ ଯୀଶୁ ତବ ଆଲୋ...କେ ଦରଶୁ
ଆଲୋକେ ଜାଣୁ ଅଖିଳର ଆଧାର ଆଲୋକ ତୁ
ପ୍ରଭୁ ହେ ତୁମ ଦା-ତା-ଙ୍କ
କିରଣେ ଶୋଭାପି -ତ କର

ଆଲୋକ ମଧ୍ୟ ରହିବା ପୁଣ୍ୟନିଧେ ପାବନା
ନାନା କଷ୍ଟ ଦୁଶ୍ଚିନ୍ତା ଦାସରୁ ଦୂର କର ।
ସୁକର୍ମ ପାଇଁ ମନ ଶୁଦ୍ଧି
ସୁଯୋଗ ବରଷେ ଜୀବନରେ

## ବିକଳ୍ପ

ସ୍ୱର୍ଗାଧିପତି ଈଶ୍ୱର, ତୁମ ଗୃହ ତନ୍‌ମଧ୍ୟ
ଆସି ସିଂହାସନ ମୁଖେ କରୁ ବନ୍ଦନା
ଲଂଘନ କରିବ ମୋଚନ
ପାପସବୁ କରିବ ମାର୍ଜନା ।

ଆମ ନୈବେଦ୍ୟ ଭେଟି ସବୁ ତୁମ-ପ୍ରୀତି ପାଇଁ
ରୋଟି ଦ୍ରାକ୍ଷାରସ ଦାନ କରୁ - ଗ୍ରହଣ କର

www.malankaralibrary.com

ମେଲ୍‌କିସଦେକ ଭେଟି ସମ
ଏହି ବଳି ସ୍ୱୀକୃତି ପାଅନ୍ତୁ ।
ପ୍ରଭୁ ହେ, ତୁମ୍ଭର ଆଶୀଷ ଦାନସବୁ ପରିବର୍ତ୍ତେ
କ'ଣ ତୁମ୍ଭଙ୍କୁ ଦେବି ମୁହିଁ ତବ ହିତକୁ ସମ
ଅଖିଳ ଜନ ମଧ୍ୟ ମୁହିଁ ମୋ
ମାନତ ପୂର୍ଣ୍ଣ କରି-ବି ନାଥ
ହାବେଲଙ୍କ ଶାବକ ଓ ନୋହାଙ୍କ ଭେଟି ସମ
ଅବରାହମ୍‌ଙ୍କ ବଳି ଗ୍ରହଣ କରିଲ ହେ ପ୍ରଭୁ
ଜପତପ ପ୍ରାର୍ଥନା କରି ଗ୍ରହଣ
ସଦୟେ ଦାନ କର ତବ ବାଣୀ ।
ସାରା ଜଗତ ପ୍ରଚୁରମୟ ପାପ ଲିଭାଇବାକୁ
ବଳି ହୋଇଥିବା ମଶିହା, ତବ ବଳି ସମ ଆମଙ୍କୁ
ଅର୍ପଣ ଭେଟି କରୁଅଛୁ
ଏହି ବଳି ସ୍ୱୀକୃତି ପ୍ରାପ୍ତ କରୁ
ସୁଗନ୍ଧ ପୂରିତ ଧୂପରେ ପରିଣ-ତ ହେବା ଆମେ
ଚିନ୍ତା, ବଚନ, କରମ ତବ ପ୍ରୀତି ପ୍ରାପ୍ତ କରୁ
ତୁମ ସମ୍ମୁଖେ ଜୀ...ବନ ସାରା
ନିର୍ମଳ ଜୀବନ ଯାପନ କରିବୁ
ସ୍ୱର୍ଗ କବାଟ ଖୋଲିବା ଚାବୀ କାଠି ହୋଇ ଯାଉ
ଆମର ପ୍ରାର୍ଥନା ଶବ୍ଦ, ତେବେ ଦୂତ...ଗଣ କହିବେ


www.malankaralibrary.com

ମାନବ ନାଦ ମୋହନ ନାଦ
ସତ୍ୱର ଶୁଣିବେ ପ୍ରଭୁ ସର୍ବଦା
    ବିଭ, ତବ ଜନନ, ସ୍ନାନ, ଯନ୍ତ୍ରଣା କ୍ରୁଶବହନ
    ମୃତି, ଉତ୍ଥାନ, ସ୍ୱର୍ଗାରୋହଣ - ରହସ୍ୟାବଳି
    ଆଦୀ ପିତାମାନଙ୍କୁ ଆମେ
    ସ୍ମରଣ କରୁ ଏହି ଯଜ୍ଞରେ
ମାତା, କାଦୀଶ, ନିବିୟଗଣ, ପ୍ରେରିତ, ଶହୀଦଗଣ
ମୃତ ବିଶ୍ୱାସୀବୃନ୍ଦଙ୍କୁ ଆମେ କରୁ ସ୍ମରଣା
ରୋଗୀ, ନିରାଶ୍ରୟ ଗ...ରିବଙ୍କୁ
କରିବା ସୁସ୍ମରଣା ନିରନ୍ତରେ
    ବିଧବା, ନମ୍ରମନ...ଗଣଙ୍କୁ ଆମେ କରୁ ସ୍ମରଣା
    ପିତାମାତା, ଭାଇଭଉଣୀଙ୍କୁ ଏବଂ ସମସ୍ତଙ୍କୁ
    ଗୁରୁଜନବୃନ୍ଦଙ୍କୁ ବିଭୋ
    ସ୍ମରଣ କରୁ ଯଜ୍ଞ...ରେ ସଦା
ଯାହାଙ୍କ ନିମନ୍ତେ କରୁ ଏହି ଅର୍ପଣ, ସେମାନଙ୍କୁ
ଏହି ମନ୍ଦିର ନିର୍ମିତ କାର୍ଯ୍ୟରେ ସହ-ଭାଗୀଙ୍କୁ
ସମସ୍ତଙ୍କୁ କରୁ ସ୍ମରଣା
ଏହି ବଳି ସ୍ୱୀକୃତି ପ୍ରାପ୍ତ କରୁ
    ପ୍ରଭୁ ହେ, ତବ ରକ୍ତ ଶରୀରଙ୍କୁ - କରି ଗ୍ରହଣ
    ଉତ୍ତମ ମୃତ୍ୟୁ ଭୋଗକାରୀଙ୍କୁ ଦିଅ - ସୁସ୍ମରଣା
    ତୁମ ମହିମା ଉଦୟ - ଦିନେ
    ରହିବା ହେଉ ଦକ୍ଷିଣ-ଭା-ଗେ

www.malankaralibrary.com

ବେଦମୋର୍ ଦୁକରୋନୋ ତୋବୋ ଲ୍ଆନୀଦେ ମ୍ହୋମ୍ନେ
ଦେକାଲ୍ ଫଗରୋକ୍ କାଦୀଶୋ ଓ୍ୱେଶ୍ଭି ଦ୍ମୋକ୍ ହାୟୋ
ଓ୍ୱନ୍ଘୂମୁନ୍ ମେନ୍ ୟାମୀନୋକ୍
ବ୍ ୟଉମୋଦ୍ ଦୋନହୋ ରାବୁସୋକ୍

**ପ୍ରକାଶ୍ୟ ଉପାସନା ବିଧି ।**

**ଯବନିକା ଟଣା ହୁଏ**

**ଯାଜକ:** ହେ ପ୍ରଭୁ, ତୁମ୍ଭଙ୍କୁ ପ୍ରସବ କରିଥିବା ମରୀୟା....ପ୍ରତି ଦୟା କର।

**(ସାଧାରଣତଃ ପବିତ୍ର କୁର୍ବାନା ଅର୍ପଣ କରିବା ନିମନ୍ତେ ଯାଜକ ଓ ସେବାୟତଗଣ ତ୍ରଣସ୍ ପରିକ୍ରମା କରନ୍ତି । ସେବାୟତମାନେ ଘଣ୍ଟି ଓ ମର୍ବହାସ ବଜାଇ ଜଳନ୍ତ ବତି ବହନ କରି ଯାଜକଙ୍କ ଆଗେ ଆଗେ ଚାଲନ୍ତି ।)**

**ମଣ୍ଡଳୀ:** ସ୍ୱଭାବ ପ୍ରକାରେ ମରଣ ବିହୀନ , ଆପଣା କୃପା ଦ୍ୱାରା ସମୁଦାୟ ମାନବ ଜାତିର ଜୀବନ ଏବଂ ପରିତ୍ରାଣ ନିମନ୍ତେ ପବିତ୍ର, ମହିମାପୂର୍ଣ୍ଣା ଏବଂ ନିର୍ମଳମୟୀ ଈଶ୍ୱର ଜନନୀ କୁମାରୀ ମରୀୟାଙ୍କଠାରୁ ଅଭିନ୍ନ ହୋଇ ମନୁଷ୍ୟ ହୋଇଥିବା ଏବଂ ଆମ୍ଭମାନଙ୍କ ନିମନ୍ତେ କ୍ରୁଶବିଦ୍ଧ ସ୍ୱର୍ଗସ୍ଥ ପିତାଙ୍କର ଏକମାତ୍ର ପୁତ୍ର, ବଚନ ଏବଂ ରାଜା ହୋଇଥିବା ହେ ମୋର ପ୍ରଭୁ, ମୁଁ ତୁମ୍ଭର ପ୍ରଶଂସା କରେ ।

ଆପଣା ମରଣ ଦ୍ୱାରା ଆମ୍ଭମାନଙ୍କର ମରଣକୁ ହରଣ କରିଥିବା, ପବିତ୍ର ତ୍ରିତ୍ୱର ଜଣକ ହୋଇ ପିତାଙ୍କ ସହ ଏବଂ ଜୀବନ୍ତ ପବିତ୍ରାତ୍ମାଙ୍କ ସହ ସମଭାବରେ ସ୍ତୁତିତ ଏବଂ ଆରାଧିତ ଆମ୍ଭମାନଙ୍କର ପ୍ରଭୁ ଯୀଶୁ, ଆମ୍ଭମାନଙ୍କ ପ୍ରତି ଦୟା କର ।

**(ତ୍ରଶୋସ୍ ଚୁମ୍ବନ କରି ଧୂପଦାନୀ ସେବାୟତ ହାତରେ ଦେଲା ପରେ)**


www.malankaralibrary.com

**ଯାଜକ:** ହେ ଈଶ୍ୱର, ତୁମ୍ଭେ ହିଁ ପବିତ୍ର...

**ମଣ୍ଡଳୀ:** ହେ ବଳବନ୍ତ ଈଶ୍ୱର, ତୁମ୍ଭେ ହିଁ ପବିତ୍ର
ହେ ମରଣ ବିହୀନ ଈଶ୍ୱର, ତୁମ୍ଭେ ହିଁ ପବିତ୍ର
ଆମ୍ଭମାନଙ୍କ ନିମନ୍ତେ କ୍ରୁଶୀତ ଈଶ୍ୱର,
ଆମ୍ଭମାନଙ୍କ ପ୍ରତି ଦୟା କର । (ତିନି ଥର)

(ଘଣ୍ଟି ଓ ମର୍ବହାସ ବଜାଏ)

## ସୁରିୟାନୀ

**ଯାଜକ:** କା-ଦୀଶାଓ୍ – ଆଲୋହୋ ।

**ମଣ୍ଡଳୀ:** କା-ଦୀଶାଓ୍ – ହୌଲ୍ସୋନୋ
କା-ଦୀଶାଓ୍ – ଲୋମୋୟୁସୋ
ଦସ୍ତ୍ଲେବ୍ଓ୍ ହାଲୋପୈନ୍ ଏସ୍ରାହାମ୍ ମେଲୌନ୍ (ତିନିଥର)

**ମଣ୍ଡଳୀ:** କୁରିୟେଲାୟୀସୋନ୍...କୁରି...କୁରି...

## ନୂତନ ନିୟମରୁ ପଠନ

(ପ୍ରଥମ ପଠନ ପୂର୍ବ ଗୀତ)

ସାରା ବିଶ୍ୱ-ରେ
ଈଶ୍ୱର ପ୍ରେରିତ ହୋଇ
ଶ୍ଳୀହା-ଗଣ – ଯାଇ
ଜନଜାତି ମଧ୍ୟରେ
ଭୂଲୋକ ସୀମାତକ
ଭଲ ଏବନ୍ – ଗେଲିୟୋନ୍


www.malankaralibrary.com

ଯେ ପାଏ ସେ – ପାଏ ସୁନଶ୍ଚେ
ଭାଗ୍ୟ ଭଳି ଜଣାଇଲେ
ସ୍ୱର୍ଗମହା–ରାଜ୍ୟ

(ପାଠ୍ୟକାରକ ତ୍ରଣୋସଙ୍କ ଉତ୍ତର କୋଣରେ ଚୁମ୍ବନ କରି
(ଧର୍ମାଧ୍ୟକ୍ଷ ଯଦି ଉପସ୍ଥିତ ତେବେ ଶ୍ଳୀବା ମଧ୍ୟ ଚୁମ୍ବନ କରେ)
ମଦ୍‌ବାହା କବାଟରେ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ପାହାଚ ତଳକୁ ଆସି
ମଣ୍ଡଳୀ ଅଭିମୁଖେ ହୋଇ ପାଠ୍ୟ କରେ । ମୁଖ୍ୟ ସେବାୟତ ପାଠ୍ୟକାରକଙ୍କ
ଡ଼ାହାଣ ପାର୍ଶ୍ୱରେ ଗୋଟିଏ ପାହାଚ ଉପରେ ରହି ଧୂପ କରେ)

**ସେବା :** ପ୍ରେରିତମାନଙ୍କ କର୍ମାବଳୀ ଗ୍ରନ୍ଥରୁ ପାଠ, ବାରେକ୍‌ମୋର୍ ।

**ମଣ୍ଡଳୀ :** ପ୍ରେରିତମାନଙ୍କ ଅଧୀଶ୍ୱରଙ୍କ ସ୍ତୁତି ହେଉ । ତାହାଙ୍କର ଅନୁଗ୍ରହ ଆମ୍ଭମାନଙ୍କ ଉପରେ ସର୍ବଦା ରହୁ ।

## ପ୍ରେରିତ ପାଉଲଙ୍କ ପତ୍ରରୁପଠନ ପୂର୍ବ ଗୀତ

ଧନ୍ୟ ପାଉଲସୁ ଶ୍ଳୀହା ବାଣୀ
ଶୁଣିଲୁ ଏପ–ରି
ଆମ ଜ୍ଞାପନ ବିପରୀତେ
କେହି ବି ଆସି କହିଗଲେ
ଗଗନଚାରୀ ହେଉଁ ସେ ଦୂତ
ବହିବ ସେ ମଣ୍ଡଳୀ ଶାପ
ବହୁବିଧ ଉପଦେଶାବଳୀ
ଭୁବନେ କରିଛି ବିସ୍ତାର
ଈଶୁ ଆଗତ ଉପଦେଶେ
ସ୍ଥିର ହେଲେ ନିଶ୍ଚୟ ହେବ – ଧନ୍ୟ


www.malankaralibrary.com

**ସେବା :** ମଣ୍ଡଳୀ ପ୍ରତି ପ୍ରେରିତ ପାଉଲଙ୍କ ଦ୍ୱାରା ଲିଖିତ ପତ୍ରରୁ ପାଠ, ବାରେକ୍‌ମୋର୍ ।

**ମଣ୍ଡଳୀ :** ପ୍ରେରିତମାନଙ୍କର ଅଧୀଶ୍ୱରଙ୍କ ସ୍ତୁତି ହେଉ । ତାହାଙ୍କର ଅନୁଗ୍ରହ ଆମ୍ଭମାନଙ୍କ ଉପରେ ସର୍ବଦା ରହୁ ।

(ଏବନ୍‌ଗଲିୟୋନ୍ ପୀଠ ତ୍ରଣୋସଙ୍କ ଦକ୍ଷିଣ ପାର୍ଶ୍ୱରେ ରଖିବ । ହାଲେଲୁୟା ଗୀତ ଗାନ କରିବା ସମୟରେ ସେବାୟତ ଏଓ୍ୱାଙ୍ଗଲିୟୋନ୍ ପୀଠ ମଦ୍‌ବହାଙ୍କ ଦ୍ୱାର ନିକଟରେ ରଖେ । ଘଣ୍ଟି ଏବଂ ମର୍‌ବହାସ ବଜାନ୍ତି)

**ମଣ୍ଡଳୀ :** ହାଲେଲୁୟା, ହାଲେଲୁୟା, ସ୍ତୁତିର ବଳି ଦ୍ୱାରା ପ୍ରଭୁଙ୍କ ଆରାଧନା କର । ଶୁଦ୍ଧପୂତ ଅର୍ପଣ ନେଇ ଆପଣା ଆପଣା ପାତ୍ର୍ୟା ଅନୁସାରେ ପ୍ରବେଶ କରି ପବିତ୍ର ମଦ୍‌ବହା ସମ୍ମୁଖରେ ପ୍ରଭୁଙ୍କର ବନ୍ଦନା କର । ହାଲେଲୁୟା ।

## କିମ୍ବା

ହାଲେଲୁୟ – ହାଲେଲୁୟା
ପ୍ରଶଂସା ବ–ଳି ଅର୍ପଣ କରିବା
ପ୍ରଭୁଙ୍କର ପ୍ରି–ୟଜନ ତୁମେ ଯେ
ନିର୍ମଳ ବିମଳ ଭେଟି ଧରି
ନିଜ ପାତ୍ର୍ୟାନୁସାର ମତେ
ପ୍ରଭୁଙ୍କୁ ବ–ନ୍ଦନା କରିବା
ପାବନ ମ–ଦ୍‌ବାହାୟ ମୁହେଁ
ହାଲେଲୁୟ–ହାଲେ–ଲୁୟା ।


www.malankaralibrary.com

## ସୁସମାଚାର

(ଯାଜକ ଧୂପଦାନୀରେ ଝୁଣା ପକାଇଲା ପରେ ସେବାୟତ ଘୋଷଣା କରେ)

**ସେବା:** ବାରେକ୍‌ମୋର୍, ଆମ୍ଭମାନଙ୍କ ସମ୍ମୁଖରେ ଘୋଷଣା କରାଯାଉଥିବା ପ୍ରଭୁ ଯୀଶୁ ମସିହାଙ୍କ ପବିତ୍ର ଏବନ୍‌ଗଲିୟୋନ୍‌ରେ ପ୍ରକାଶିତ ଈଶ୍ୱରଙ୍କ ଜୀବନ୍ତ ବଚନାବଳୀ ସମ୍ମାନ ଓ ଭକ୍ତି ସହ ମନଯୋଗ କରି ଆମ୍ଭେମାନେ ଶୁଣିବା ।

**ମଣ୍ଡଳୀ:** ପ୍ରଭୁ ଈଶ୍ୱର ସେହିପରି କରିବା ନିମନ୍ତେ ଆମ୍ଭମାନଙ୍କୁ ଯୋଗ୍ୟ କରନ୍ତୁ ।

### ଯାଜକ ମଣ୍ଡଳୀକୁ ଆଶୀର୍ବାଦ କରି

**ଯାଜକ:** ଶାନ୍ତି ଆପଣମାନଙ୍କ ସଙ୍ଗେ ରହନ୍ତୁ ।

**ମଣ୍ଡଳୀ:** ଆପଣଙ୍କ ଆତ୍ମାଙ୍କ ସଙ୍ଗେ ରହନ୍ତୁ ।

(ଘଣ୍ଟି ଓ ମର୍‌ବହାସ ବଜାଏ)

**ଯାଜକ:** ଜୀବନ ପ୍ରଦାନକାରୀ ବଚନ...

**ମଣ୍ଡଳୀ:** ଯେ ଆସିଛନ୍ତି ଏବଂ ଯେ ଆସିବେ ସେ ଧନ୍ୟ । ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ତାହାଙ୍କର ପ୍ରେରଣାକାରୀଙ୍କୁ ସ୍ତୁତି । ତାହାଙ୍କ ଅନୁଗ୍ରହ ଆମ୍ଭ ସମସ୍ତଙ୍କଠାରେ ସର୍ବଦା ରହୁ ।

(ଘଣ୍ଟି ଓ ମର୍‌ବହାସ ବଜାଏ)

**ଯାଜକ:** ଧନ୍ୟ କୁମାରି ମରିୟମ୍‌ଙ୍କଠାରୁ....

**ମଣ୍ଡଳୀ:** ସେହିପରି ବିଶ୍ୱାସ କରି ଆମ୍ଭେମାନେ ଘୋଷଣା କରୁଅଛୁ ।

(ଘଣ୍ଟି ଓ ମର୍‌ବହାସ ବଜାଏ)

(ଏବନ୍‌ଗଲିୟୋନ୍ ପରେ ଗୀତ)


www.malankaralibrary.com

ଈଶ୍ୱର ଜନନୀ
ଧନ୍ୟ କୁମାରୀ
ଶୁବାସୀତ ଧୂପ ସହ ତବ ଚିର ସ୍ମରଣା
ମା ଗୋ ତୁମର ପ୍ରାର୍ଥନାରେ
ସାରା ଜଗତ ପ୍ରତି ଶାନ୍ତି
ମଣ୍ଡଳୀ ମଧ୍ୟ ସଂପ୍ରୀତି
ପ୍ରଦାନ କରିବ ସଦା ।

★★★

ଧନ୍ୟ ଧନ୍ୟ ଧନ୍ୟ ତୁମ ନାଥ
ନବଗଣ ଗାଏ କାଦିସେ
ଭୂଜନ ପୁଜେ ତାଙ୍କହି
ଏହା ହଁ ପ୍ରିୟ ପୁତ୍ର ମୋର
କହନ୍ତୀ ...... ପିତା ।

★★★

ମାଲିକ୍ ଯେବେସେ ଆସିବେ
ଯିଏ ଦେଖା ଜାଗି ହେଲେ
ଦ୍ରାକ୍ଷା କ୍ଷେତେ କଲେ ପ୍ରେମ ସେହି ଧନ୍ୟଅଟେ
ଦିନ ସାରା କରେ ଯେ ପ୍ରେମ ତାଙ୍କ ସଂଗେ
ପ୍ରଭୁବର ତାଙ୍କୁ ଦିଏ ବିଶ୍ରାମ
ଭଜନରେ ବସନ୍ତିଯେ ପିତା ଏବଂ ପୁତ୍ର ସଂଗେ
ପବିତ୍ର ରୁହା ପାରିକଲିତ ରଚେ ମୁକୁଟ ତାଙ୍କପାଇଁ
ହାଲେଲୁୟା ମସ୍ତକେ ପରିଧାନେ ।

★★★


www.malankaralibrary.com

ସାରେ ପ୍ରବକ୍ତା ଏବଂ ସାରେ ପ୍ରଭୁଙ୍କ ସ୍ଲିହାଏ
ଯେ ଦେଲେ ଏ ସୁସମାଚାର
ସମସ୍ତ ସାଧୁ ଧର୍ମୀୟ
ଧର୍ମୀ ସହିଦ ବିଶ୍ୱାସି
ଇଶ୍ୱରଙ୍କ ମାତା ମଧ୍ୟ
ଏହି ସବୁଙ୍କ ବିନତିରେ ପ୍ରଭୁ
ମୃତ ବିଶ୍ୱାସି ଯେଥିଲେ ଭଲ
ପାଏ ସେହି ପୁଣ୍ୟ ସ୍ମୃତୀ
ପୁଣି ଆମଙ୍କୁ ମିଳେ, ରକ୍ଷା ସଦା ।

★★★

**ସେବା:** ବାରେକ୍‌ମୋର୍ ସ୍‌ତୌମେନ୍‌କାଲୋସ୍

**ମଣ୍ଡଳୀ:** କୁରିଯେଲାୟୀସୋନ୍

**ଯାଜକ:** ଆମ୍ଭେ ସମସ୍ତେ ପ୍ରାର୍ଥନା କରି...

**ମଣ୍ଡଳୀ:** ଦୟାମୟ ପ୍ରଭୁ, ଆମ୍ଭମାନଙ୍କୁ ଅନୁଗ୍ରହ ଦେଇ ସାହାଯ୍ୟ କର।

**ଯାଜକ:** ସ୍ତୁତି, ପ୍ରଶଂସା, ମହିମା...

## ପ୍ରୁମିୟୋନ୍

**ଯାଜକ:** ସ୍ୱଇଚ୍ଛାରେ ଦିବ୍ୟଯଜ୍ଞ ହୋଇ...

**ମଣ୍ଡଳୀ:** ଆମୀନ୍ ।

**ସେବା:** ବାରେକ୍‌ମୋର୍ ! ଦୟାଳୁ ପ୍ରଭୁଙ୍କ ସମ୍ମୁଖରେ ପୁଣ୍ୟଦାତା ବେଦି ଆଗରେ ତଥା ଏହି ସ୍ୱର୍ଗୀୟ ଈଶ୍ୱରୀୟ ରହସ୍ୟ ଗୁଡିକ ସମ୍ମୁଖରେ ଧୂପ ଅର୍ପଣ କରାଯାଉଅଛି । ଆମେ ପ୍ରଭୁଙ୍କୁ କୃପା

www.malankaralibrary.com

ମାଗିବା କି ସେ ଆମ୍ଭ ଉପରେ ଦୟା ଦୃଷ୍ଟି ପକାନ୍ତୁ ତଥା ସହାନୁଭୂତି ପ୍ରକଟ କରନ୍ତୁ ।

**ମଣ୍ଡଳୀ :** ଦୟାମୟ ପ୍ରଭୁ, ଆମ୍ଭମାନଙ୍କୁ ଅନୁଗ୍ରହ ଦେଇ ସାହାଯ୍ୟ କର।

**ଯାଜକ :** ପାପର ପ୍ରାୟ.....

**ମଣ୍ଡଳୀ :** ଆମୀନ୍ ।

**ଯାଜକ :** ପୂର୍ଣ୍ଣ ହୃଦୟ ସହ....

**ମଣ୍ଡଳୀ :** ଆମୀନ୍ । ପ୍ରଭୁ ଆପଣଙ୍କ ସେବା ସ୍ୱୀକାର କରନ୍ତୁ ଓ ଆପଣଙ୍କ ବିନତିରେ ଆମଙ୍କୁ ସହାଯ୍ୟ କରନ୍ତୁ ।

**ଯାଜକ :** ଈଶ୍ୱରଙ୍କଠାରୁ ....

**ମଣ୍ଡଳୀ :** ଆମୀନ୍ ।

## ଧୂପଦାନୀରେ ଆର୍ଶୀବାଦ

ଯାଜକ ଧୂପଦାନୀରେ ଝୁଣା ପକାଇ କହନ୍ତି

**ଯାଜକ :** ବଳହୀନ ଓ ପାପୀ... ପବିତ୍ର ପିତା ପବିତ୍ର ଅଟନ୍ତି ।

(ଘଣ୍ଟି ଓ ମର୍‌ବହାସ ବଜାଏ)

**ମଣ୍ଡଳୀ :** ଆମୀନ୍ ।

**ଯାଜକ :** ପବିତ୍ର ପୁତ୍ର ପବିତ୍ର ଅଟନ୍ତି ।

(ଘଣ୍ଟି ଓ ମର୍‌ବହାସ ବଜାଏ)

**ମଣ୍ଡଳୀ :** ଆମୀନ୍

**ଯାଜକ :** ଜୀବନପ୍ରଦାନକାରୀ ପବିତ୍ର ରୂହା ପବିତ୍ର,...

(ଘଣ୍ଟି ଓ ମର୍‌ବହାସ ବଜାଏ)

ଧୂପଦାନୀ ଗ୍ରହଣ କରି ତ୍ରଣୋସଙ୍କୁ ଏବଂ ମଣ୍ଡଳୀକୁ ଧୂପ ଦେଇ


www.malankaralibrary.com

**ଯାଜକ:** ଆମର ଏବଂ ଆମ୍ଭମାନଙ୍କର ପିତାମହମାନଙ୍କର...

**ମଣ୍ଡଳୀ:** ଆମୀନ୍

(ସେବାୟତ ଯାଜକଙ୍କ ହାତ ପ୍ରକ୍ଷାଳନ ନିମନ୍ତେ ଜଳ ଢାଳି ଦିଏ ଏବଂ ହାତ ପୋଛିବା ପାଇଁ ରୁମାଲ ହାତରେ ଧରିଥିବ ।)

**ସେବା:** ବାରେକ୍ ମୋର୍, ଦିବ୍ୟଜ୍ଞାନ ଘୋଷଣା କରାଯାଉଛି । ଆମ୍ଭେମାନେ ସମସ୍ତେ ଭକ୍ତି ସହକାରେ ତାହା ଆବୃତ୍ତି କରିବା ।

**ଯାଜକ:** ସର୍ବଶକ୍ତିମାନ୍ ପିତା...

**ମଣ୍ଡଳୀ:** ସ୍ୱର୍ଗ ଓ ମର୍ତ୍ତ୍ୟ, ଦୃଶ୍ୟ-ଅଦୃଶ୍ୟ ସକଳ ବସ୍ତୁର ସୃଷ୍ଟିକର୍ତ୍ତା, ସତ୍ୟେକ ଈଶ୍ୱରଙ୍କଠାରେ ଆମ୍ଭେମାନେ ବିଶ୍ୱାସ କରୁଅଛୁ ।

ଈଶ୍ୱରଙ୍କ ଏକମାତ୍ର ପୁତ୍ର, ଅନାଦି କାଳରୁ ପିତାଙ୍କଠାରୁ ଜାତ, ଜ୍ୟୋତି ପ୍ରସୂତ ଜ୍ୟୋତି, ସତ୍ୟ ଈଶ୍ୱରଙ୍କଠାରୁ ପ୍ରସୂତ ସତ୍ୟ ଈଶ୍ୱର, ଜାତ କିନ୍ତୁ ଅସୃଷ୍ଟ, ପିତାଙ୍କ ସହ ସମ ସତ୍ତ୍ୱ ଯାହାଙ୍କ ଦ୍ୱାରା ସକଳ ବସ୍ତୁ ସୃଷ୍ଟ । ମନୁଷ୍ୟ ହୋଇଥିବା ଆମ୍ଭମାନଙ୍କୁ ଏବଂ ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ସ୍ୱର୍ଗରୁ ଅବତରଣ କରି ପବିତ୍ରାତ୍ମାଙ୍କଠାରୁ ଈଶ୍ୱର ଜନନୀ ଧନ୍ୟ କୁମାରୀ ମାରୀୟାଙ୍କଠାରେ ଦେହ ପରିଗ୍ରହ କରି ମନୁଷ୍ୟ ହେଲେ, ପୋନ୍ତିୟୋସ୍ ପିଲାତ୍ତୋସଙ୍କ କାଳରେ ଆମ୍ଭମାନଙ୍କ ନିମନ୍ତେ କ୍ରୁଶ ବିଦ୍ଧ ହୋଇ ଯନ୍ତ୍ରଣା ଭୋଗ କରି ମୃତ୍ୟୁବରଣ କଲେ ଏବଂ ସମାଧିସ୍ଥ ହେଲେ ।

ଦିବ୍ୟଇଚ୍ଛା ଅନୁସାରେ ତୃତୀୟ ଦିବସରେ ପୁନରୁତ୍ଥିତ ହୋଇ, ସ୍ୱର୍ଗାରୋହଣ କରି ଆପଣା ପିତାଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରନ୍ତି ଏବଂ ସେଠାରୁ ଜୀବନ୍ତ ଓ ମୃତଙ୍କର ବିଚାର କରିବାକୁ ମହା ମହିମା ସହ ପୁନରାଗମନ କରିବାକୁ ଥିବା ଯାହାଙ୍କ ରାଜ୍ୟରେ ଶେଷ


www.malankaralibrary.com

ନଥିବା ସେହି  ଏକମାତ୍ର ପ୍ରଭୁ ଯୀଶୁ ମସିହାଙ୍କୁ ଆମ୍ଭେମାନେ ବିଶ୍ୱାସ କରୁଅଛୁ ।

ସକଳଙ୍କୁ ଜୀବନ ପ୍ରଦାନକାରୀ ପ୍ରଭୁ ଏବଂ ପିତାଙ୍କଠାରୁ ନିର୍ଗତ ହୋଇ ପିତାଙ୍କ ଏବଂ ପୁତ୍ରଙ୍କ ସହିତ ବନ୍ଦିତ ଏବଂ ଆରାଧିତ,ପ୍ରବକ୍ତା ମାନଙ୍କର ଏବଂ ପ୍ରେରିତ ମାନଙ୍କ ମାଧ୍ୟମରେ କଥା କହିଥିବା, ଜୀବନ୍ତ, ପବିତ୍ର ଏକମାତ୍ର ରୂହାଙ୍କଠାରେ ଏବଂ କାଥୋଲିକ, ପ୍ରେରିତିକ, ଏକମାତ୍ର, ପବିତ୍ର ଧର୍ମମଣ୍ଡଳୀରେ ଆମ୍ଭେମାନେ ବିଶ୍ୱାସ କରୁଅଛୁ । ପାପମୋଚନ ନିମନ୍ତେ ଦୀକ୍ଷାସ୍ନାନ ଏକମାତ୍ର ବୋଲି ଆମ୍ଭେମାନେ ଘୋଷଣା କରି, ମୃତଜନଙ୍କର ପୁନରୁତ୍ଥାନକୁ, ଆଗାମୀ ଜଗତର ନୂତନ ଜୀବନକୁ ଆମ୍ଭେମାନେ ଚାହିଁ ରହିଅଛୁ । ଆମୀନ

ସେବାୟତମାନଙ୍କୁ ଶାନ୍ତି ପ୍ରଦାନ କଲା ପରେ ହେସକଲରେ ପ୍ରଥମେ ପୁରୁଷମାନଙ୍କ ପଟେ ତାହା ପରେ ମହିଳାମାନଙ୍କ ପଟେ ଶାନ୍ତି ପ୍ରଦାନ କଲା ପରେ ଫେରି ମଦ୍‌ବାହାରେ ପ୍ରବେଶ କରି ଯାଜକଙ୍କ ଉତ୍ତର ପଟେ ଛିଡା ହୋଇ ଧୂପଦାନୀ ହଲାଏ। (ମୁଖ୍ୟ ସେବାୟତ କ୍ରମ ଅନୁସାରେ ମଦ୍‌ବହାରେ ଧୂପାର୍ପଣ କଲା ପରେ ଧୂପକଳସ ସହିତ ହୌକାଲାଙ୍କ ପଶ୍ଚିମ କବାଟ ପର୍ଯ୍ୟନ୍ତ ଧୂପ ଅର୍ପଣ କରି ଫେରି ଆସି ମଦ୍ ବାହାର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ପହାଚ ତଳେ ଉଭୟ ହାତରେ ଧୂପକଳସର (ଶୃଙ୍ଖଳ) ଧରି ଭକ୍ତି ସହକାରେ ଛିଡା ହୁଏ ।)

## ଗୀତ

ଯାଚନା କରିବା ସମୟ ଏହି
ମୋଚନ କରିବା ସମୟ ଏହି
ଏହା ପ୍ରାର୍ଥନା କରିବା – ସମୟ
ଏହା ସେହି କରୁଣା ସମୟ


www.malankaralibrary.com

ଉନ୍ନତ ଗୌରବ ସ୍ଥାନରେ
ଆଜି ଏବେ ଏହି ଅଭିଷିକ୍ତ
ସହଭାଗୀମାନଙ୍କ ପାଇଁ
ଅନୁଷ୍ଠିତ କରୁ ଏହି କୁର୍ବାନା

**ସେବା :** ବାରେକ୍‌ମୋର୍, ସ୍‌ତୌମେନ୍‌କାଲୋସ୍

**ମଣ୍ଡଳୀ :** କୁରିୟେଲାୟୀସୋନ୍

ଯାଜକ ରହସ୍ୟ ପ୍ରାର୍ଥନା ପୂର୍ଣ୍ଣ କରି ଦର୍ଗାରେ ଚଢ଼ିବା ବେଳେ ମୁଖ୍ୟ ସେବାୟତ ସ୍‌ତୌମନ୍ କାଲୋସ୍ କହି ମଦ୍‌ବାହାରେ ପ୍ରବେଶ କରି ତ୍ରଣୋସଙ୍କ ନିକଟରେ ଯାଜକଙ୍କ ଦକ୍ଷିଣ ପଟେ ଛିଡା ହୁଏ ।

## ଅନ୍ନାଫୁରା
## ଯାଜକ ଦର୍ଗାରେ ଠିଆ ହୋଇ

**ଯାଜକ :** ଶାନ୍ତି ପ୍ରାର୍ଥନା

**ମଣ୍ଡଳୀ :** ଆମୀନ୍

**ଯାଜକ :** ଶାନ୍ତି ଆପଣମାନଙ୍କ ସଙ୍ଗେ ରହନ୍ତୁ ।

**ମଣ୍ଡଳୀ :** ଆପଣଙ୍କ ଆତ୍ମାଙ୍କ ସଙ୍ଗେ ରହନ୍ତୁ ।

ଯାଜକ ସେବାୟତଙ୍କୁ ଶାନ୍ତି ପ୍ରଦାନ କରନ୍ତି । ସେବାୟତ ତ୍ରଣୋସଙ୍କ ଦକ୍ଷିଣ ପଟେ ଏବଂ ଉତ୍ତର ପଟେ ଚୁମ୍ବନ କରି କାପା ଚୁମ୍ବନ କରି ମଦ୍‌ବାହାରେ ଛିଡା ହୋଇଥିବା ସହ ସେବାୟତମାନଙ୍କୁ ଶାନ୍ତି ପ୍ରଦାନ କଲା ପରେ ହେସକାଲରେ ପ୍ରଥମେ ପୁରୁଷମାନଙ୍କ ପଟେ ତାହା ପରେ ମହିଳାମାନଙ୍କ ପଟେ ଶାନ୍ତି ପ୍ରଦାନ କଲା ପରେ ଫେରି ମଦ୍‌ବାହାରେ ପ୍ରବେଶ କରି ଯାଜକଙ୍କ ଉତ୍ତର ପଟେ ଛିଡ଼ା ହୋଇ ଧୂପଦାନୀ ହଲାଏ ।

**ସେବା :** ବାରେକ୍‌ମୋର୍, ଆମ୍ଭମାନଙ୍କର ପ୍ରଭୁ ଈଶ୍ୱରଙ୍କ ପ୍ରେମ ସକାଶେ ପବିତ୍ର ଓ ଐଶ୍ୱରିକ ଚୁମ୍ବନ ଦ୍ୱାରା ପରସ୍ପରକୁ ଶାନ୍ତି ପ୍ରଦାନ କରିବା ।


www.malankaralibrary.com

**ମଣ୍ଡଳୀ:** ହେ ପ୍ରଭୁ ଈଶ୍ୱର, ଆମ୍ଭେମାନଙ୍କର ଜୀବନ ସାରା ଏହି ଶାନ୍ତି ନିମନ୍ତେ ଆମ୍ଭମାନଙ୍କୁ ଯୋଗ୍ୟ କରନ୍ତୁ ।

ସମସ୍ତେ ଶାନ୍ତି ପାଇଲା ପରେ

**ସେବା:** ଦୟାମୟ ପ୍ରଭୁଙ୍କ ସମ୍ମୁଖରେ ଆମ୍ଭେମାନେ ନତ ମସ୍ତକ ହେବ ।

**ମଣ୍ଡଳୀ:** ହେ ଆମ୍ଭମାନଙ୍କର ପ୍ରଭୁ ଈଶ୍ୱର, ଦିବ୍ୟ ସମ୍ମୁଖରେ ଆମ୍ଭେମାନେ ନତ ମସ୍ତକ କରୁଅଛୁ ।

(ପରବର୍ତ୍ତି ପ୍ରାର୍ଥନା ଶେଷ ହେବା ପର୍ଯ୍ୟନ୍ତ ସମସ୍ତେ ନତ ମସ୍ତକ ହୋଇ ରହେ)

**ଯାଜକ:** ଆଶୀର୍ବାଦ ପ୍ରାର୍ଥନା

**ମଣ୍ଡଳୀ:** ଆମୀନ୍

**ଯାଜକ:** ସମର୍ପଣ ପ୍ରାର୍ଥନା

**ମଣ୍ଡଳୀ:** ଆମୀନ୍

**ସେବା:** ବାରେକ୍‌ମୋର୍,ଭାଇଭଉଣୀମାନେ, ଆମ୍ଭେମାନେ ସମସ୍ତେ ଭୟଭକ୍ତି ସହକାରେ ପବିତ୍ରତା ଓ ପ୍ରେମ ଏବଂ ସତ୍ୟ ବିଶ୍ୱାସ ସହିତ ସମର୍ପଣ କରାଯାଉଥିବା ଦିବ୍ୟ ଏବଂ ପବିତ୍ର ଏହି କୁର୍ବାନାରେ ମନଯୋଗ କରିବା । କାରଣ ଆମ୍ଭମାନଙ୍କ ସମସ୍ତଙ୍କ ନିମନ୍ତେ ଜୀବନ୍ତ ବଳିର ଅଧିପତି ସେହି ପିତା ଈଶ୍ୱରଙ୍କୁ ପୁନର୍ମିଳନରେ ଏବଂ ଶାନ୍ତିରେ ତାହା ସମର୍ପଣ କରାଯାଉଛି ।

**ମଣ୍ଡଳୀ:** ଏହି କୁର୍ବାନା ଅନୁଗ୍ରହ, ଶାନ୍ତି, ବଳି ଏବଂ ସ୍ତୋତ୍ର ଅଟେ ।

ଯାଜକ ଶୋଶାପା ସଞ୍ଚାଳନା କରନ୍ତି । ଘଣ୍ଟି ଓ ମର୍‌ବହାସ ବଜାଏ ଯୂକାରେସ୍ତିୟା

**ଯାଜକ:** ପିତା ଈଶ୍ୱରଙ୍କ ପ୍ରେମ...

**ମଣ୍ଡଳୀ:** ଆମୀନ୍, ଆପଣଙ୍କ ଆତ୍ମାଙ୍କ ସଙ୍ଗେ ରହନ୍ତୁ ।

**ଯାଜକ:** ଏହି ସମୟରେ ଆମ ସମସ୍ତଙ୍କ ଚେତନା....

www.malankaralibrary.com

**ମଣ୍ଡଳୀ:** ଆମ୍ଭମାନଙ୍କ ଚେତନା, ଚିନ୍ତା ଓ ହୃଦୟ ପ୍ରଭୁ ଈଶ୍ୱରଙ୍କ ନିକଟରେ ରହିଅଛି ।

**ଯାଜକ:** ଭୟଭକ୍ତି ସହ ପ୍ରଭୁଙ୍କର...

**ମଣ୍ଡଳୀ:** ଭୟଭକ୍ତି ସହ ପ୍ରଭୁଙ୍କର ପ୍ରଶଂସା କରିବା ଉଚିତ ଓ ସଙ୍ଗତ ।

**ଯାଜକ:** ସ୍ତୋତ୍ର ପ୍ରାର୍ଥନା ।

ଘଣ୍ଟି ଓ ମର୍‌ବହାସ ବଜାଏ

**ମଣ୍ଡଳୀ:** ଆପଣା ମହିମାରେ ସ୍ୱର୍ଗ ମର୍ତ୍ତ୍ୟ ପୂରିତ ବଳବନ୍ତ ପ୍ରଭୁ ଈଶ୍ୱର ପବିତ୍ର, ପବିତ୍ର ପବିତ୍ର, ଉର୍ଦ୍ଧ୍ୱରେ ହୋଶାନ୍ନା । ପ୍ରଭୁ ଈଶ୍ୱରଙ୍କ ନାମରେ ଯିଏ ଆସିଛନ୍ତି ଏବଂ ଆସିବେ ସେ ଧନ୍ୟ । ଉର୍ଦ୍ଧ୍ୱରେ ହୋଶାନ୍ନା ।

**ଯାଜକ:** ରୋଟି ଆଶୀର୍ବାଦ

**ମଣ୍ଡଳୀ:** ବାରେକ୍‌ମୋର୍

ଘଣ୍ଟି ଓ ମର୍‌ବହାସ ବଜାଏ

**ମଣ୍ଡଳୀ:** ଆମୀନ୍ ।

**ଯାଜକ:** କାସା ଆଶୀର୍ବାଦ

**ମଣ୍ଡଳୀ:** ବାରେକ୍‌ମୋର୍

ଘଣ୍ଟି ଓ ମର୍‌ବହାସ ବଜାଏ

**ମଣ୍ଡଳୀ:** ଆମୀନ୍ ।

**ଯାଜକ:** ପରିତ୍ରାଣ କାର୍ଯ୍ୟ ବିଷୟରେ ଅନୁସ୍ମରଣା

(ମୁଖ୍ୟ ସେବାୟତ ଝୁଣା ପକାଏ)

**ମଣ୍ଡଳୀ:** ହେ ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭର ମୃତ୍ୟୁକୁ ଆମ୍ଭେ ସ୍ମରଣ କରୁ । ତୁମ୍ଭର ପୁନରୁତ୍ଥାନକୁ ଆମ୍ଭେମାନେ ଘୋଷଣା କରୁ । ତୁମ୍ଭର ଦ୍ୱିତୀୟ

www.malankaralibrary.com

ଆଗମନ ନିମନ୍ତେ ଆମ୍ଭେମାନେ ଅପେକ୍ଷା କରୁଅଛୁ । ତୁମ୍ଭର ଅନୁଗ୍ରହ ଆମ୍ଭମାନଙ୍କ ଉପରେ ସର୍ବଦା ରହୁ ।

**ଯାଜକ:** ପ୍ରାର୍ଥନା ।

**ମଣ୍ଡଳୀ:** ସର୍ବଶକ୍ତିମାନ ପିତା ଈଶ୍ୱର, ଆମ୍ଭମାନଙ୍କ ପ୍ରତି ଦୟା କର ।

**ଯାଜକ:** କୃତଜ୍ଞତା ପ୍ରାର୍ଥନା

**ମଣ୍ଡଳୀ:** ପ୍ରଭୁ ଈଶ୍ୱର, ଆମ୍ଭେ ତୁମ୍ଭର ସ୍ତୁତି କରୁଅଛୁ । ଆମ୍ଭେ ତୁମ୍ଭର ପ୍ରଶଂସା କରୁଅଛୁ । ଆମ୍ଭେ ତୁମ୍ଭର ବନ୍ଦନା କରୁଅଛୁ । ଆମ୍ଭେ ତୁମ୍ଭ ନିକଟରେ ଆମ୍ଭମାନଙ୍କ ନିବେଦନ ସବୁ ଉପସ୍ଥାପନ କରୁଅଛୁ । ସକଳ ଉତ୍ତମତାର ଆଧାର ଈଶ୍ୱର, ଆମ୍ଭମାନଙ୍କ ପ୍ରତି ଦୟା କର ।

## ପବିତ୍ରାତ୍ମାଙ୍କ ଅବତରଣ

ଘଣ୍ଟି ଓ ମର୍‌ବହାସ ବଜାଏ

**ସେବା:** ବାରେକ୍‌ମୋର୍, ହେ ମୋର ପ୍ରିୟ ଭାଇଭଉଣୀମାନେ, ଜୀବନ୍ତ ପବିତ୍ର ରୂହା ଉର୍ଦ୍ଧ୍ୱର ସ୍ୱର୍ଗରୁ ପ୍ରତାପ ସହ ଅବତରଣ କରି ସମର୍ପିତ ଏହି ପବିତ୍ର କୁର୍ବାନା ଉପରେ ଆସି ବାସ କରି ଏହାକୁ ପବିତ୍ରୀକୃତ କରୁଥିବା ଏହି ସମୟ କେଡେ଼ ଐଶ୍ୱରିକ ଏବଂ ଭୟଭକ୍ତି ଜନକ ଅଟେ । ତୁମ୍ଭେମାନେ ସମସ୍ତେ ଭକ୍ତି ସହକାରେ ପ୍ରାର୍ଥନା କର ।

**ମଣ୍ଡଳୀ:** ଆମ ସମସ୍ତଙ୍କ ପ୍ରତି ଶାନ୍ତି ଓ ସଂପ୍ରୀତି ହେଉ ।

**ଯାଜକ:** ହେ ପ୍ରଭୁ, ମୋତେ ଉତ୍ତର ପ୍ରଦାନ କର...

**ମଣ୍ଡଳୀ:** କୁରିୟେଲାୟୀସୋନ୍, କୁରି... କୁରି...

(ଘଣ୍ଟି ଓ ମର୍‌ବହାସ ବଜାଏ)


www.malankaralibrary.com

**ଯାଜକ:** ପବିତ୍ରାତ୍ମା ଏହି ରୋଟିକୁ...

**ମଣ୍ଡଳୀ:** ଆମୀନ୍

**ଯାଜକ:** ସେ ଏହି କାସାକୁ...

**ମଣ୍ଡଳୀ:** ଆମୀନ୍

**ଯାଜକ:** ପ୍ରାର୍ଥନା

**ମଣ୍ଡଳୀ:** ଆମୀନ୍

(ଧୂପଦାନୀ ନେଇଯାଏ)

## ମଧ୍ୟସ୍ଥ ପ୍ରାର୍ଥନା

### I

**ସେବା:** ବାରେକ୍‌ମୋର୍, ଚତୁର୍ଦ୍ଦିଗରେ ଥିବା ଈଶ୍ୱରଙ୍କ ମଣ୍ଡଳୀଗୁଡ଼ିକୁ ଶାସନ କରୁଥିବା ସମସ୍ତ ପିତାମାନଙ୍କ ନିମନ୍ତେ ବିଶେଷତଃ ଆମ୍ଭମାନଙ୍କୁ ପ୍ରତିପାଳନ କରୁଥିବା ପୁଣ୍ୟପିତା ଫ୍ରାନ୍‌ସୀସ୍‌ଙ୍କ ନିମନ୍ତେ, ଆମ୍ଭମାନଙ୍କର ମଣ୍ଡଳୀର ମୁଖ୍ୟ ଓ ପିତା ହୋଇଥିବା ମୋରାନ୍ ମୋର୍...କାଥୋଲିକା ବାଓ୍ୱାଙ୍କ ନିମନ୍ତେ,ଏବଂ ଆମ୍ଭମାନଙ୍କ ଧର୍ମପ୍ରଦେଶର ଧର୍ମାଧ୍ୟକ୍ଷ ଆବୁନ୍ ମୋର୍ (...)ଙ୍କ ନିମନ୍ତେ ଏବଂ ସତ୍ୟବିଶ୍ୱାସର ସମସ୍ତ ଧର୍ମାଧ୍ୟକ୍ଷମାନଙ୍କ ନିମନ୍ତେ ଏବଂ ସକଳ କାଶ୍ଶୀଶା, ଶେମ୍ମାଶ, ଦୟରାୟଙ୍କ ନିମନ୍ତେ ଏବଂ ସମୁଦାୟ ଖ୍ରୀଷ୍ଟିୟ ମଣ୍ଡଳୀ ନିମନ୍ତେ ଆମ୍ଭେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ।

**ମଣ୍ଡଳୀ:** କୁରିୟେଲାୟୀସୋନ୍

**ଯାଜକ:** ପ୍ରାର୍ଥନା

**ମଣ୍ଡଳୀ:** ଆମୀନ୍

www.malankaralibrary.com

## II

